

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୫ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 5 JUNE 2023

Vol.No. 34 ■ No. 148 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରେଳ ଦୁର୍ଘଟଣାର ଘଟଣାକ୍ରମ ବୁଝାଇଲା ରେଳବାଇ ବୋର୍ଡ

ନୂଆଦିଲ୍ଲୀ,୪/୦୬ : ଆଜି ରେଳବାଇ ବୋର୍ଡ ଶୁକ୍ରବାର ସନ୍ଧ୍ୟାରେ ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ହୋଇଥିବା ମର୍ମନ୍ତୁଦ ରେଳ ଦୁର୍ଘଟଣାର ଘଟଣାକ୍ରମ ବର୍ଣ୍ଣନା କରିଛି । ରେଳବାଇ ବୋର୍ଡ କହିଛି, ଭୟାବହ ଦୁର୍ଘଟଣା ଘଟିଯାଇଥିବା ବାଲେଶ୍ୱର ବାହାନଗା ବଜାର ଷ୍ଟେସନ୍ ହେଉଛି ୪ ଲାଇନ୍‌ବିଶିଷ୍ଟ ଷ୍ଟେସନ୍ । ଏହା ମଝିରେ ୨ଟି ମୁଖ୍ୟ ଲାଇନ୍ ଏବଂ ଉଭୟ ପାର୍ଶ୍ୱରେ ୨ଟି 'ଲୁପ୍' ଲାଇନ୍ ରହିଛି । ଉଭୟ 'ଲୁପ୍' ଲାଇନ୍‌ରେ ଲୁହାପଥର ଭରା ମାଲ୍‌ବାହୀ ଗାଡ଼ି ଅଟକି ଥିଲେ । 'ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ୍ କରମଣ୍ଡଳ ଏକ୍ସପ୍ରେସ୍' ଚେନ୍ନାଇରୁ ହାଓଡ଼ା ଅଭିମୁଖେ ଯାଉଥିଲା ଏବଂ 'ବେଙ୍ଗାଲୁରୁ-ହାୱଡ଼ା ସୁପରଫାଷ୍ଟ୍ ଏକ୍ସପ୍ରେସ୍' ହାୱଡ଼ାରୁ ଆସୁଥିଲା । ଉଭୟ ମୁଖ୍ୟ ଲାଇନ୍‌ରେ 'ଗ୍ରିନ୍ ସିଗ୍‌ନାଲ୍' (ସବୁଜବତି) ଜଳୁଥିଲା । କରମଣ୍ଡଳ ଏକ୍ସପ୍ରେସ୍ ଘଣ୍ଟାପ୍ରତି ୧୨୮ କିଲୋମିଟର ବେଗରେ ଯାଉଥିବା ବେଳେ 'ବେଙ୍ଗାଲୁରୁ-ହାୱଡ଼ା ସୁପରଫାଷ୍ଟ୍ ଏକ୍ସପ୍ରେସ୍'ର ଘଣ୍ଟାପ୍ରତି ବେଗ ଥିଲା ୧୨୬ କିଲୋମିଟର । ସେମାନଙ୍କର 'ସ୍ୱିଡ୍ ଲିମିଟ୍' ଥିଲା ୧୩୦, ତେଣୁ କେହି 'ଓଭରସ୍ୱିଡ୍'ରେ ଯାଉ ନ ଥିଲେ ବୋଲି ରେଳବାଇ ବୋର୍ଡର 'ଅପରେସନ୍ ଆଣ୍ଡ୍ ବି.ଡି.'ର ସଦସ୍ୟା ଜୟା ବର୍ମା ସିହ୍ନା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, 'ସିଗ୍‌ନାଲ୍' ସମସ୍ୟା ମଧ୍ୟ ଚିହ୍ନଟ କରାଯାଇଛି, କିନ୍ତୁ ଅଧିକ ତଦନ୍ତ ପରେ ତାହା ସ୍ପଷ୍ଟ ହେବ । ଏହି ଦୁର୍ଘଟଣାରେ ୩ଟିଯାକ ଟ୍ରେନ୍ ନୁହେଁ, କେବଳ କରମଣ୍ଡଳ ଏକ୍ସପ୍ରେସ୍ ହିଁ କ୍ଷତିଗ୍ରସ୍ତ ହୋଇଛି । କରମଣ୍ଡଳ ଏକ୍ସପ୍ରେସ ଲୁପ୍ ଲାଇନ୍‌ରେ ଥିବା ଲୁହାପଥର ବୋଝେଇ ଟ୍ରେନ୍ ସହିତ ଧକ୍କା ଖାଇଲା କିନ୍ତୁ, ତାହା ଖୁବ୍ ଭାରୀ ହୋଇଥିବାରୁ ଧକ୍କା ସମ୍ଭାଳି ନେଇ ନିଶ୍ଚଳ ରହିଲା । ମାତ୍ର, କରମଣ୍ଡଳ ଏକ୍ସପ୍ରେସ୍‌ର ଡବା ସବୁ ତୃତୀୟ ଟ୍ରାକ୍‌କୁ ଛିଟିକି ଯାଇ ଦ୍ରୁତ ବେଗରେ ଆସୁଥିବା 'ବେଙ୍ଗାଲୁରୁ-ହାୱଡ଼ା ସୁପରଫାଷ୍ଟ୍ ଏକ୍ସପ୍ରେସ୍'ର ଦୁଇଟି ଡବାରେ ଧକ୍କା ଖାଇଥିଲା । ଡବାଗୁଡ଼ିକ 'ଲିଙ୍କେ ହଫ୍‌ମାନ୍ ବୁସ୍' (ଏଲ୍‌ଏଚ୍‌ବି) ହୋଇଥିବାରୁ ଖୁବ୍ ନିରାପଦ । କିନ୍ତୁ, ଲୁହାପଥର ଯୋଗୁଁ କ୍ଷୟକ୍ଷତି ଅଧିକ ହୋଇଛି ବୋଲି ସେ କହିଛନ୍ତି ।

ଦୁର୍ଘଟଣାର ସିବିଆଇ ତଦନ୍ତ ପାଇଁ ରେଳବାଇ ବୋର୍ଡ ସୁପାରିସ କରିଛି: ରେଳମନ୍ତ୍ରୀ

ଭୁବନେଶ୍ୱର, ୪/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ଷ୍ଟେସନ ନିକଟରେ ଗତ ୨ ତାରିଖ ଦିନ ଘଟିଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ନେଇ ସିବିଆଇ ତଦନ୍ତ ହେବ । ଏଥି ନେଇ ଭାରତୀୟ ରେଳବାଇ ବୋର୍ଡ ସିବିଆଇକୁ ସୁପାରିସ କରିଛନ୍ତି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରବିବାର ସନ୍ଧ୍ୟାରେ ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଛନ୍ତି । କେଉଁ ପରିସ୍ଥିତିରେ ଏହି ଘଟଣା ଘଟିଲା ? ଏଥି ପାଇଁ କେଉଁମାନେ ଦାୟୀ ? ଏହାର ବିସ୍ତୃତ ତଦନ୍ତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ବାଲେଶ୍ୱର, ଭଦ୍ରକ, ସୋରର ସାଧାରଣ ଜନତାଙ୍କ ସମେତ ରେଳବାଇ ଓ ଜିଲ୍ଲାପ୍ରଶାସନ ମିଶି ଉଦ୍ଧାର କାର୍ଯ୍ୟ କରିଛନ୍ତି । ଏପର୍ଯ୍ୟନ୍ତ ମୁଖ୍ୟ ଲାଇନ୍ ସମେତ ୨ଟି ଲାଇନ୍ କାମ ଶେଷ ହୋଇଛି । ବିଦ୍ୟୁତ କାମ ଜାରି ରହିଛି ।

୨୭୫ରୁ ୧୦୮ ଜଣଙ୍କର ମୃତଦେହ ଚିହ୍ନଟ କରାଯାଇ ସାରିଛି: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୪/୦୬ (ନି.ପ୍ର): ବାହାନଗା ଷ୍ଟେସନ ନିକଟରେ ଗତ ୨ ତାରିଖ ଦିନ ଘଟିଥିବା ଭୟଙ୍କର ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ମଧ୍ୟରୁ ୧୦୮ ଜଣଙ୍କର ମୃତଦେହ ଚିହ୍ନଟ କରାଯାଇ ସାରିଛି । ବାଲେଶ୍ୱର ଜିଲ୍ଲାପାଳ ଦେଇଥିବା ତଥ୍ୟ ଅନୁସାରେ ବାହାନଗା ଟ୍ରେନ ଟ୍ରାଜେଡିରେ ୨୭୫ ଜଣଙ୍କର ମୃତ୍ୟୁ ହୋଇଛି । ଆଜି ଦିନ ୧୦ଟା ସୁଦ୍ଧା ସେଥି ମଧ୍ୟରୁ ୧୦୮ ଜଣଙ୍କ ମୃତଦେହ ଚିହ୍ନଟ କରାଯାଇଛି । ଶବ ହସ୍ତାନ୍ତର ପକ୍ରିୟା ଜାରି ରହିଛି । ଚାରୋଟି ମୃତଦେହକୁ ତାଙ୍କ ସମ୍ପର୍କୀୟ ଚିହ୍ନଟ କରିଥିବା ବେଳେ ଖୁବ ଶୀଘ୍ର ସେମାନଂକୁ ହସ୍ତାନ୍ତର କରାଯିବ । ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଶ୍ରୀଜେନା କହିଛନ୍ତି ଯେ, ୨୭୫ଟି ମୃତଦେହ ମଧ୍ୟରୁ ୧୯୦ଟି ଭୁବନେଶ୍ୱରକୁ ଅଣାଯିବ । ଏଥିରୁ ୧୮୦ଟି ମୃତଦେହ ପହଂଚିଥିବା ବେଳେ ଆଉ ୧୦ଟି ଖୁବ ଶୀଘ୍ର ପହଂଚିବ ।୧୮୦ଟି ମଧ୍ୟରୁ ୨୩ଟି ମୃତଦେହ ଚିହ୍ନଟ ହୋଇଥିବା ବେଳେ ହସ୍ତାନ୍ତର ପକ୍ରିୟା ଆରମ୍ଭ ହୋଇଯାଇଛି । ଏହା ସହ ଦେଶର ଯେକୌଣସି ସ୍ଥାନରୁ ଏହି ଟ୍ରେନରେ ଥିବା ସମ୍ପର୍କୀୟଙ୍କ ବିଷୟରେ ଜାଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୱେବସାଇଟ ଏବଂ ଦୁଇଟି ଟୋଲ ଫି ନମ୍ବର ଜାରି କରାଯାଇଛି । ଏକ ସ୍ୱତନ୍ତ୍ର ମେଡିକାଲ ଟିମ ଡିଏନଏ ଟେଷ୍ଟ କରି ଶବକୁ ଚିହ୍ନଟ କରିବା ପାଇଁ ପକ୍ରିୟା ଆରମ୍ଭ ହୋଇଯାଇଛି ।

ରେଳ ଦୁର୍ଘଟଣାରେ ଆହତ ଯାତ୍ରୀଙ୍କ ଚିକିତ୍ସା ପାଇଁ ଦିଲ୍ଲୀରୁ ଆସିଛନ୍ତି ସ୍ୱତନ୍ତ୍ର ଡାକ୍ତରୀ ଦଳ: ମାଣ୍ଡବୀୟ

ବାଲେଶ୍ୱର, ୪/୦୬ (ନି.ପ୍ର): ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣାରେ ଆହତ ଯାତ୍ରୀଙ୍କ ଚିକିତ୍ସା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ସହ ସ୍ୱତନ୍ତ୍ର ଡାକ୍ତରୀ ଦଳ ଦିଲ୍ଲୀରୁ ଭୁବନେଶ୍ୱର ଆସିଛନ୍ତି । ଏହି ବିଶେଷଜ୍ଞ ଡାକ୍ତର ଦଳ ବିଭିନ୍ନ ମେଡିକାଲକୁ ଯାଇ ଆହତ ଯାତ୍ରୀଙ୍କୁ ଚିକିତ୍ସା କରିବେ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବୀୟ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିବା ଆହତଙ୍କୁ ଭେଟିବା ଏହା କହିଛନ୍ତି । ଏହା ସହ ଏମ୍ ?ସ ନିର୍ଦ୍ଦେଶକଙ୍କ ସହ କଥା ହେବା ସହ ସ୍ଥିତିର ସମୀକ୍ଷା କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାହାନଗା ରେଳ ଦୁର୍ଘଟଣାରେ ୧ହଜାରରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୦୦ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି ।

▶▶ପୃଷ୍ଠା ୭

ସୁପ୍ରିମକୋର୍ଟରେ ବାହାନଗା ଟ୍ରେନ୍ ଟ୍ରାଜେଡି: 'କବଚ' ସିଷ୍ଟମ୍ ଶୀଘ୍ର ଲାଗୁ କରିବାକୁ ଆବେଦନ

ନୂଆଦିଲ୍ଲୀ,୪/୦୬ : ସୁପ୍ରିମକୋର୍ଟରେ ପହଞ୍ଚିଲା ବାହାନଗା ଟ୍ରେନ୍ ଟ୍ରାଜେଡି । ଦୁର୍ଘଟଣା ରୋକିବା ନେଇ ହୋଇଥିବା 'କବଚ' ସିଷ୍ଟମକୁ ଶୀଘ୍ର ଲାଗୁକରିବା ନେଇ ସର୍ବୋଚ୍ଚ ଅଦାଲତରେ ଆବେଦନ ହୋଇଛି । ଆଇନଜୀବୀ ବିଶାଲ ତିୱାରୀ ଏନେଇ ଏକ ଯାଚିକା ଦାଖଲ କରିଛନ୍ତି । ଶୀଘ୍ର 'କବଚ' ସିଷ୍ଟମକୁ ଲାଗୁ କରିବାକୁ ସେ ଦାବି କରିଛନ୍ତି । ଏହା ସହିତ ଏହି ଦୁର୍ଘଟଣାର ତଦନ୍ତ ପାଇଁ ପୂର୍ବତନ ଜଜଙ୍କୁ ନେଇ ଏକ ଆୟୋଗ ଗଠନ କରିବାକୁ ଗୁହାରି କରିଛନ୍ତି । ସେହିପରି ରେଲୱେ ସୁରକ୍ଷାକୁ ନେଇ ବିଶେଷ କମିଟି ଗଠନ କରି ତଦନ୍ତ କରିବାକୁ ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ ରହିଛ ।

ମୃତକଙ୍କ ପରିବାରକୁ ଦିଆଯିବ ୫ ଲକ୍ଷ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୪/୦୬ (ନି.ପ୍ର): ବାହାନଗା ଟ୍ରେନ ଦୁର୍ଘଟଣାରେ ରାଜ୍ୟର ମୃତକ ଓ ଆହତଙ୍କ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି । ଏହି ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯିବ । ବାହାନଗା ଟ୍ରେନ୍

▶▶ପୃଷ୍ଠା ୭

ବାହାନଗା ରେଳ ଦୁର୍ଘଟଣାରେ ବେସାହାରା ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଇବେ ଆଦାନୀ

ନୂଆଦିଲ୍ଲୀ,୪/୦୬ : ଦୁଇ ଦିନ ତଳେ ବାହାନଗାରେ ହୋଇଥିବା ଭୟଙ୍କର ଟ୍ରେନ୍ ଦୁର୍ଘଟଣା ଏବେ ବି ସମସ୍ତଙ୍କ ମନରେ ରହିଛି । କେହି ଭାଇକୁ ହରାଇଛି ତ କେହି ନିଜ ବାପାଙ୍କୁ ହରାଇଛି । କେହି ନିଜ ପରିବାରର ସମ୍ପର୍କୀୟମାନଙ୍କୁ ହରାଇଛି ତ କେହି ପୁଣି ଏବେ ବି ମେଡିକାଲରୁ ମେଡିକାଲ ବୁଲି ନିଜ ବନ୍ଧୁ-ପରିଜନଙ୍କୁ ଖୋଜୁଛି । ଦୁର୍ଘଟଣା ପରେ ସରକାରଙ୍କ ବ୍ୟତୀତ ଅନେକ ସାମାଜିକ ସଂଗଠନ ଓ ସ୍ଥାନୀୟ ଲୋକ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ତେବେ ଦୁର୍ଘଟଣା ପରେ ପରିଚୟ ଖୋଜିବା ହେଉ ବା ସାହାଯ୍ୟ ଯୋଗାଇଦେବା ହେଉ ବିଭିନ୍ନ କମ୍ପାନୀମାନେ ମଧ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହି କ୍ରମରେ ଏବେ ଆଦାନୀ ଗ୍ରୁପର ମୁଖ୍ୟ ତଥା ଶିଳ୍ପପତି ଗୌତମ ଆଦାନୀ ଆଗେଇ ଆସିଛନ୍ତି । ରେଳ ଦୁର୍ଘଟଣାକୁ ନେଇ ଗୌତମ ଆଦାନୀ କହିଛନ୍ତି ଯେ ଓଡ଼ିଶାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ନେଇ ଆମେ ସମସ୍ତେ ଗଭୀର ଭାବେ ମର୍ମାହତ । ଆମେ ନିଷ୍ପତ୍ତି ନେଇଛୁ ଯେ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା

▶▶ପୃଷ୍ଠା ୭

ବିନା ଟିକେଟରେ ଯାତ୍ରା କରିଥିବା ଯାତ୍ରୀଙ୍କୁ ବି ମିଳିବ କ୍ଷତିପୂରଣ: ରେଳ ମନ୍ତ୍ରାଳୟ

ନୂଆଦିଲ୍ଲୀ: ଓଡ଼ିଶାର ବାଲେଶ୍ୱରର ବାହାନଗାରେ ହୋଇଥିବା ମର୍ମନ୍ତୁଦ ଦୁର୍ଘଟଣାରେ ଟ୍ରେନ ଦୁର୍ଘଟଣାରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଛି । ସେହିପରି ରେଳ ଦୁର୍ଘଟଣାରେ ଆହତ ୩୮୨ ବ୍ୟକ୍ତି ଏବେ ବି ରାଜ୍ୟର ବିଭିନ୍ନ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । ତେବେ ଏହି ଦୁର୍ଘଟଣା ଅନେକ ପରିବାରକୁ ଧ୍ୱଂସ କରିଦେଇଛି । କେହି ଭାଇକୁ ହରାଇଛି ତ କେହି ନିଜ ବାପାଙ୍କୁ ହରାଇଛି । କେହି ନିଜ ପରିବାରର ସମ୍ପର୍କୀୟମାନଙ୍କୁ ହରାଇଛି ତ କେହି ପୁଣି ଏବେ ବି ମେଡିକାଲରୁ ମେଡିକାଲ ବୁଲି ନିଜ ବନ୍ଧୁ-ପରିଜନଙ୍କୁ ଖୋଜୁଛି । ଆଉ ଏହାରି ଭିତରେ ରେଳ ମନ୍ତ୍ରାଳୟ ପକ୍ଷରୁ ଘୋଷଣା କରାଯାଇଛି ଯେ ଦୁର୍ଘଟଣାରେ ଯାହାର ମୃତ୍ୟୁ ହୋଇଛି

▶▶ପୃଷ୍ଠା ୭

ଠାକୁରେ ହେଲେ ଦିବ୍ୟସ୍ନାନ: ଗଜବେଶରେ ଦେଲେ ଦର୍ଶନ

ପୁରୀ, ୪/୦୬ (ନି.ପ୍ର): ସ୍ନାନବେଦୀରେ ସମାପନ ହୋଇଛି ଶ୍ରୀଜୀଉଙ୍କ ଦିବ୍ୟସ୍ନାନ । ହାତୀବେଶରେ ଭକ୍ତଙ୍କୁ ଦେଉଛନ୍ତି ଚତୁର୍ଦ୍ଧା ମୂର୍ତ୍ତି । ଏଥିପାଇଁ ଲୋକାରଣ୍ୟ ହୋଇପଡ଼ିଛି ପୁରୀ ବଡ଼ଦାଣ୍ଡ । ପ୍ରବଳ ଗରମ, ଗୁଳୁଗୁଳି ସତ୍ତ୍ୱେ ସ୍ନାନମଣ୍ଡପରେ ଶ୍ରୀଜିଉଙ୍କ ଦର୍ଶନ ପାଇଁ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ହୋଇଛି ପୁରୀରେ । ଠାକୁରଙ୍କ ସେହି ଅପୂର୍ବ ଦର୍ଶନ ଓ ଅବର୍ଣ୍ଣନୀୟ ଅନୁଭୂତି ଭକ୍ତକୁ ଭକ୍ତି ଗଦଗଦ କରିଦେଇଛି । ସକାଳେ ଘଣ୍ଟଘଣ୍ଟାର ତାଳେ ତାଳେ ଟାହିଆର ଅପୂର୍ବ ଦୋଳଣରେ, ରତ୍ନବେଦୀରୁ ଧାଡ଼ି ପହଣ୍ଡିରେ ସ୍ନାନବେଦୀକୁ ବିଜେ କରିଥିଲେ ତିନି ଦିଅଁ ଓ ଚକ୍ରରାଜ ସୁଦର୍ଶନ । ବିଭିନ୍ନ ନୀତିକାନ୍ତି ପରେ ସୁନା କୂଅର ୧୦୮ କୁମ୍ଭ ସୁବାସିତ ଜଳରେ ସଂପନ୍ନ ହୋଇଥିଲା ତିନି ଠାକୁରଙ୍କ ସ୍ନାନ । ପରେ ଗଜପତି ମହାରାଜା ଦିବ୍ୟ ସିଂହ ଦେବ ଛେରା ପହଁରା କରିଥିଲେ । ଏହାପରେ ମହାପ୍ରଭୁଙ୍କୁ ସଜାଇ ଦିଆଯାଇଥିଲା ହାତୀ ବେଶରେ । ବଡ଼ଦାଣ୍ଡରେ ସକାଳ ବେଳା ଟିକେ ବାଦଲ ଘୋଡ଼ା ଘୋଡ଼ା ପାଗ ଥିଲା । ହେଲେ ଏହାପରେ ପ୍ରବଳ ଖରା ଓ ଗୁଳୁଗୁଳି ସତ୍ତ୍ୱେ ଶ୍ରୀଜୀଉଙ୍କ ହାତୀବେଶ ଦର୍ଶନ ପାଇଁ ଭକ୍ତଙ୍କ ମଧ୍ୟରେ ଥିଲା ନାହିଁ ନଥିବା ଉତ୍ସାହ । ଭକ୍ତିଭାବରେ ବିଜଡ଼ିତ ଭକ୍ତ, କିଏ ଅତି ନିକଟରୁ ଶ୍ରୀଜୀଉଙ୍କ ଦର୍ଶନ କରୁଥିଲା ତ, କିଏ ସ୍ନାନବେଦୀ ପାଖକୁ ଯାଇନପାରି ବଡ଼ଦାଣ୍ଡରୁ ବଡ଼ଠାକୁରଙ୍କୁ ନିବେଦନ କରୁଥିଲା ଭକ୍ତିର ଅର୍ଘ୍ୟ । ପ୍ରବଳ ଗୁଳୁଗୁଳିରେ

ଅସ୍ତବ୍ୟସ୍ତ ଭକ୍ତଙ୍କ ଉପରେ ଜଳସିଞ୍ଚନ ଓ ଠାକୁର ଦର୍ଶନ ଶୃଙ୍ଖଳିତ କରିବାକୁ ବ୍ୟାପକ ବନ୍ଦୋବସ୍ତ କରିଥିଲା ପୁଲିସ ସହ ଜିଲ୍ଲା ପ୍ରଶାସନ । ସେପଟେ ଶ୍ରୀଜିଉଙ୍କ ସ୍ନାନ ନୀତିରେ ବିଳମ୍ବ ଓ ବିଶୃଙ୍ଖଳା ସାଙ୍ଗକୁ ତିନିଟି ଅଘଟଣ ଘଟିଥିଲା । ଆଜି ଦେବସ୍ନାନ ପୂର୍ଣ୍ଣିମାରେ ଚତୁର୍ଦ୍ଧାମୂରତିଙ୍କ ପ୍ରତ୍ୟକ୍ଷ ସ୍ନାନକୁ ସାରା ବିଶ୍ୱ ଅନାଇ ରହିଥିବା ବେଳେ ଏପଟେ ଆରମ୍ଭରୁ ହୋଇଥିଲା ନୀତି ବିଳମ୍ବ । ଠାକୁରଙ୍କ ମଙ୍ଗଳାର୍ପଣ ଆଜି ଭୋର ୩ଟା ୩୦ରୁ ହେବାର ଥିଲା ।

▶▶ପୃଷ୍ଠା ୭

ବିହାରରେ ଭୁଷୁଡ଼ିପଡ଼ିଲା ଗଙ୍ଗାନଦୀରେ ନିର୍ମାଣାଧୀନ ପୋଲ

ପାଟନା ,୪/୦୬ : ବିହାରରେ ଗଙ୍ଗା ନଦୀରେ ଏକ ନିର୍ମାଣାଧୀନ ପୋଲ ଭୁଷୁଡ଼ି ପଡ଼ିଛି । ଭାଗଲପୁର ଓ ଖଗରିଆକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯାଉଥିବା ଏହି ପୋଲ ପୂର୍ବରୁ ମଧ୍ୟ ଥରେ ଭୁଶୁଡ଼ି ପଡ଼ିଛି । ଏହି ପୋଲଟି ଗଙ୍ଗା ନଦୀ ଉପରେ ନିର୍ମାଣ ହେଉଥିବା ଏକ ଚାରି ଲେନ୍ ବିଶିଷ୍ଟ ସେତୁ । ରବିବାର ହଠାତ୍ ଏହାର ପୂରା ସୁପର ଷ୍ଟ୍ରକ୍ଚର ଭାଙ୍ଗିପଡ଼ିଥିଲା ଓ ନଦୀକୁ ଖସି ପଡ଼ିଥିଲା । ଏହି ପୋଲ ନିର୍ମାଣ ପାଇଁ ୧୭୦୦ କୋଟି ବ୍ୟୟ ହୋଇଥିଲା । ୨୦୧୪ରେ ଭାଗଲପୁରର

ସୁଲତାନଗଞ୍ଜ ଓ ଖଗରିଆ ମଧ୍ୟରେ ସେତୁର ଶିଳାନ୍ୟାସ କରିଥିଲେ ନୀତୀଶ କୁମାର । ନିର୍ମାଣାଧୀନ ପୋଲର ସୁପର ଷ୍ଟ୍ରକ୍ଚର ମଧ୍ୟ ନଦୀକୁ ଖସି ପଡ଼ିଥିଲା । ପ୍ରାୟ ୧୦୦ ମିଟର ଲମ୍ବର ଅନେକ ସ୍ତମ୍ଭର ୩୦ରୁ ଅଧିକ ସ୍ଲାବ୍ ଭୁଶୁଡ଼ି ପଡ଼ିଛି । ଭାଗଲପୁର ଜିଲ୍ଲାର ସୁଲତାନଗଞ୍ଜଠାରେ ନିର୍ମାଣ ହେଉଥିବା ଏହି ସେତୁ ଖଗରିଆ ଓ ଭାଗଲପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ନିର୍ମାଣ କରାଯାଉଛି । ଏହି ଘଟଣାକୁ ନେଇ ବିଜେପି ନୀତୀଶ ସରକାରଙ୍କୁ ଟାର୍ଗେଟ୍ କରିଛି ।

▶▶ପୃଷ୍ଠା ୭

ସ୍ୱର୍ଗତ ସମାଜସେବୀ ଅଭିମନ୍ୟୁ ମହାନ୍ତଙ୍କ ଅଧୁରା ସ୍ୱପ୍ନ ପୁରା କରିବ କୁଡୁମି ସମାଜ

ଚମ୍ପୁଆ, ୦୪/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ରଜିଆ ଂଚାୟତ ଅନ୍ତର୍ଗତ ମହେଶ୍ୱର ପୁର ଗ୍ରାମର ସ୍ୱକ୍ଷଧିନତା ସଂଗ୍ରାମୀ ସ୍ୱର୍ଗତ ଅର୍ଜୁନ ମହାନ୍ତଙ୍କ ପୁତ୍ର ବିଶିଷ୍ଟ ସମାଜସେବୀ ଓ ସଂଗଠକ ସ୍ୱର୍ଗତ ଅଭିମନ୍ୟୁ ମହାନ୍ତଙ୍କ ଏକାଦଶାହ କ୍ରିୟା ଅବସରରେ କୁଡୁମି ସମାଜ ପକ୍ଷରୁ ମହେଶ୍ୱରପୁର ସ୍ଥିତ ତାଙ୍କ ବାସଭବନ ଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇ ଯାଇଛି । ପରିବାର ସଦସ୍ୟଙ୍କ ସହିତ କୁଡୁମି ସମାଜର ବରିଷ୍ଠ ସଦସ୍ୟ, ସହକର୍ମୀ ଏବଂ ବନ୍ଧୁ ବାନ୍ଧବ ଗଣ ଏହି ସଭାରେ ଯୋଗଦେଇ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ପରେ ସ୍ୱର୍ଗତ ଅଭିମନ୍ୟୁଙ୍କ ଛାତ୍ର ଜୀବନ, ଭାରତୀୟ ବାୟୁ ସେନାରେ ପାଇଲଟ ଭାବେ କାର୍ଯ୍ୟ କରିବା, କେନ୍ଦୁଝର, ମୟୁରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲା ଅଂଚଳକୁ ନେଇ ଏକ ସ୍ୱୟଂ କ୍ଷମତା ସମ୍ପନ୍ନ ରାଜ୍ୟ ଗଠନ ପାଇଁ ଉଦ୍ୟମ କରିବା, କୁଡୁମି ଜାତି କୁ ଆଦିବାସୀ ମାନ୍ୟତା ପାଇଁ ଆଜୀବନ ଉଦ୍ୟମ କରିବା ତଥା କୁଡୁମି ଜାତିର ପ୍ରଥମ ସ୍ୱକ୍ଷଧୀନତା ସଂଗ୍ରାମୀ ବୃହାଳ ବିଦ୍ରୋହର ନେତା ରଘୁନାଥ ମାହାତୋଙ୍କ ପ୍ରତିମୂର୍ତି ଓ ଜୀବନଦର୍ଶନ କେନ୍ଦୁଝର, ମୟୁରଭଞ୍ଜ ରେ ପ୍ରଚାର, ପ୍ରସାର ପାଇଁ ଉଦ୍ୟମ ଜାରି ରଖିବା ସହିତ ଓଡିଶା ସରକାର କେନ୍ଦୁଝର ଜିଲ୍ଲା କୁ କ୍ରମାଗତ ଅବହେଳା କରୁଥିବାରୁ ବିଭିନ୍ନ ସମୟରେ ସ୍ୱର ଉତୋଳନ କରିବା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକୁ ନିଜ ନିଜ ଅଭିଭାଷଣ ମାଧ୍ୟମରେ ପ୍ରକାଶ କରି ଥିଲେ । ପରିଶେଷରେ ତାଙ୍କର ଅସମ୍ପୂର୍ଣ୍ଣ ରହି ଯାଇଥିବା କାର୍ଯ୍ୟ ଗୁଡିକୁ କିପରି ସମ୍ପୂର୍ଣ୍ଣ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ସମସ୍ତ କୁଡୁମି ସମାଜ ସଦସ୍ୟଙ୍କ ମଧ୍ୟରେ ବିଭିନ୍ନ ଆଲୋଚନା କରି ଅଧୁରା ସ୍ୱପ୍ନକୁ ପୁରା କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ । କୁଡୁମି ସମାଜର ବରିଷ୍ଠ ସଦସ୍ୟ କ୍ଷେତ୍ରବାସୀ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାହାରପଡା ବ୍ଲକ ସଭାପତି ହଳଧର ମହାନ୍ତ, ଗୋବର୍ଦ୍ଧନ ମହାନ୍ତ, ବିଶ୍ୱଭୂଷଣ ମହାନ୍ତ, ମୁରଲୀଧର ମହାନ୍ତ ପ୍ରମୁଖଙ୍କ ସହିତ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା କୁଡୁମି ସମାଜ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ଆଇସକ୍ରିମ୍ ଖାଇ ୧୦୦ରୁ ଅଧିକ ଅସୁସ୍ଥ: ଅଧିକାଂଶ ଦୁଇରୁ ତିନି ବର୍ଷର ଶିଶୁ

ସୁନାବେଡା/ସେମିଳିଗୁଡା, ୦୪/୦୬ (ନି.ପ୍ର): ଆଇସକ୍ରିମ୍ ଖାଇ ୧୦୦ରୁ ଅଧିକ ଲୋକ ଅସୁସ୍ଥ ହୋଇଛନ୍ତି । ଏପରି ଘଟଣା ଘଟିଛି କୋରାପୁଟ ଜିଲ୍ଲାରେ । ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରେ ମହିଳା ଓ ଶିଶୁ ଥିବା ଜଣାପଡ଼ିଛି । ଗତକାଲି ସେମିଳିଗୁଡା ବ୍ଲକର ବଦଳିଗୁଡ଼ା,ଘାଟଗୁଡା ଓ ଦୁଧାରୀ ଗାଁର ଲୋକେ ବୁଲା ଆଇସକ୍ରିମ ବିକାଳିଠାରୁ ଆଇସକ୍ରିମ କିଣି ଖାଇଥିଲେ । ଆଇସକ୍ରିମ ଖାଇବା ପରେ ବିଳମ୍ବିତ ରାତିରେ ସମସ୍ତଙ୍କୁ ଝାଡା ଓ ବାନ୍ତି ହୋଇଥିଲା । ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ୬୦ ଜଣ ଭର୍ତ୍ତି ହୋଇଥିବା ବେଳେ ୪୫ ରୁ ଅଧିକ ଲୋକ ମାଥଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟରେ ଭର୍ତ୍ତି କରାଯାଇଛି । ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡ଼ିଛି । ଅସୁସ୍ଥଙ୍କ ମଧ୍ୟରେ ଅଧିକାଂଶ ଦୁଇ ରୁ ତିନି ବର୍ଷର ଶିଶୁ ରହିଥିବା ଜଣାପଡ଼ିଛି । ଖବର ପାଇ ସେମିଳିଗୁଡା ପୁଲିସ ଓ ପଟାଙ୍ଗୀ ବିଧାୟକ ସୁନାବେଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଅସୁସ୍ଥଙ୍କୁ ଭେଟି ଆଲୋଚନା କରିଛନ୍ତି । ସମ୍ପୃକ୍ତ ଆଇସକ୍ରିମ ବିକାଳିକୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ସେମିଳିଗୁଡା ଆଇ ଆଇ ସି ପ୍ରଦ୍ୟୁମ୍ନ ମହାପାତ୍ର ।

ରେଳ ଦୁର୍ଘଟଣାରେ ମୃତକଙ୍କ ପାଇଁ ସାଇ ନଲେଜ ଟିୟୁଟୋରିଆଲ ତରଫରୁ ନିରବ ପ୍ରାର୍ଥନା

କେନ୍ଦ୍ରାପଡ଼ା, ୦୪/୦୬ (ନି.ପ୍ର): କେନ୍ଦ୍ରାପଡା ସ୍ଥିତ ସାଇ ନଲେଜ ଟିୟୁଟୋରିଆଲ ଅନୁଷ୍ଠାନ ପକ୍ଷରୁ ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଶତାଧିକ ଯାତ୍ରୀଙ୍କ ପାଇଁ ନିରବ ପ୍ରାର୍ଥନା ଓ ଆହତ ହୋଇଥିବା ଶହ ଶହ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ କରାଯାଇଛି । ତିନିମୁହାଣୀ ଶ୍ରୀରାମ ମନ୍ଦିର ପରିସରରେ ତାପସ କୁମାର ପରିଡାଙ୍କ ସହିତ ବିବେକାନନ୍ଦ ମହାରଣା ଓ ଶତାଧିକ ଛାତ୍ରଛାତ୍ରୀ ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନା କରିଥିଲେ । ସେହିଭଳି ଚାଟରାପାଟଣା ସ୍ଥିତ ସିରିଡି ସାଇ ମନ୍ଦିରରେ ବାହାନଗା ରେଳ ଦୁର୍ଘଟଣାରେ ଆହତ ମାନଙ୍କ ଆଶୁ ଆରୋଗ୍ୟ କାମନା କରି ଓ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ବରିଷ୍ଠ ଆଇନଜୀବି ତମସା ପାତ୍ରଙ୍କ ନେତୃତ୍ୱରେ ତପନ କୁମାର ରାଉତ୍ର, ମିନାକ୍ଷୀ ରାୟ, ତାପସ ରାଉତରାୟ, କାଦମ୍ବିନୀ ମହାନ୍ତି, କଳ୍ପନା ସାହୁ, ଗୀତା ଗୋଛାୟତ, ଦିଲିପ ମହାନ୍ତି, ପ୍ରମୋଦ ମହାନ୍ତି, ରଶ୍ମିତା ସାହୁ, ରବିନ୍ଦ ମଲିକ ପ୍ରମୁଖ ୧୦୮ ଦୀପ ଦାନ କରିଥିବା ଜଣାପଡିଛି ।

ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ ଭାବରେ ବିମଳେନ୍ଦୁ ରାୟଙ୍କ ଦାୟିତ୍ୱ ଗ୍ରହଣ

ସୁବର୍ଣ୍ଣପୁର, ୦୪/୦୬ (ନି.ପ୍ର): ଆଜି ସୁବର୍ଣ୍ଣପୁର ନୂତନ ଜିଲାପାଳ ଭାବରେ ବିମଳେନ୍ଦୁ ରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ରାୟ ପୂର୍ବରୁ ପୂର୍ତ ବିଭାଗର ସ୍ୱତନ୍ତ୍ର ସଚିବ ଭାବରେ ଭୁବନେଶ୍ୱରରେ ଅବସ୍ଥାପିତ ଥିଲେ । ଜିଲ୍ଲାପାଳ ଶ୍ରୀ ରାୟ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ସୁବର୍ଣ୍ଣପୁର ଜିଲ୍ଲା ସାମ୍ବାଦିକ ସଂଘ (ଜେଏଏସ) ସହିତ ଜିଲ୍ଲା ବିକାଶ ନେଇ ଆଲୋଚନା କରିଛନ୍ତି । ସଂଘ ପକ୍ଷରୁ ସଂଘର ସଭାପତି ଧାରେନ୍ଦ୍ର ଦାନୀଙ୍କ ନେତୃତ୍ୱରେ ସଂଘର କର୍ମକର୍ତାମାନେ ଜିଲ୍ଲାପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତକାର କରିଛନ୍ତି । ସଂଘର ସହ -ସମ୍ପାଦକ ସହଦେବ ମେହେର, ସଂଘର କୋଷାଧ୍ୟକ୍ଷ ମନରଞ୍ଜନ ପାଣିଗ୍ରାହୀ, ସୋନପୁର ବ୍ଲକ ମିଡିଆ ସେଲ ଦାୟତ୍ୱରେ ଥିବା ସୁଶାନ୍ତ ସାହୁ ଓ ସଭ୍ୟମାନେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସାକ୍ଷାତ କରିଛନ୍ତି । ଏହା ସହିତ ଜିଲ୍ଲାର ବିକାଶ ଦିଗରେ ଆଲୋଚନା କରିବା ସହିତ ପ୍ରଶାସନ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସମନ୍ୱୟ ତଥା ସହଯୋଗରେ ଜିଲ୍ଲାର ବିକାଶ ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ରାୟ ପ୍ରକାଶ କରିଛନ୍ତି । ଗତ ଏପ୍ରିଲ ୬ ତାରିଖରୁ ଏଠାରେ ଜିଲ୍ଲାପାଳ ଥିବା ଅବୋଲି ସୁନୀଲ ନରଓ୍ୱଣେ ଝାରସୁଗୁଡ଼ା ଜିଲ୍ଲାପାଳ ଭାବେ ବଦଳି ହେବାପରେ ଏହି ପଦବି ଖାଲିଥିଲା । ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଭାରପ୍ରାପ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱରେ ଥିଲେ ।

ଜିଲ୍ଲା ଶ୍ରମ ଅଧିକାରୀ ଓ ଅତିରିକ୍ତ ଶ୍ରମ ଅଧିକାରୀଙ୍କ ନାମରେ ମାମଲା

କେନ୍ଦ୍ରାପଡ଼ା, ୦୪/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଦୁର୍ନିତିର ଗନ୍ତାଘର ପାଲଟି ଥିବା ବେଳେ ବିନା ହାତଗୁଞ୍ଜାରେ କୌଣସି କାର୍ଯ୍ୟ କରାଯାଉ ନଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଛି । ଦୁର୍ନିତିର ପରିମାଣ ଏତେ ବଢି ଯାଇଛି ଯେ, ଜଣେ ଜୀବିତ ଶ୍ରମିକ କାର୍ଡ ନଂ କୁ ଜାଲିଆତି କରି ମୃତ ଦର୍ଶାଇ ଅନ୍ୟ ଜଣକ ନାମରେ ୪ଲକ୍ଷ ଟଙ୍କା ହଡପ କରାଯାଇ ଥିବା ଅଭିଯୋଗ ହୋଇଛି । ସଦର ଥାନା ଅନ୍ତର୍ଗତ ଗଣ୍ଡାକିଆ ଗ୍ରାମର ଚିତ ରଞ୍ଜନ ସ୍ୱାଇଁ ନାମକ ଜଣେ ଜୀବିତ ଥିବା ଶ୍ରମିକକୁ ମୃତ ବୋଲି ଦର୍ଶାଇ ୪ ଲକ୍ଷ ଟଙ୍କା ଟଙ୍କା ହଡପ ଅଭିଯୋଗରେ ଜିଲ୍ଲା ଭାରପ୍ରାପ୍ତ ଶ୍ରମ ଅଧିକାରୀ ମହେଶ୍ୱର ନାୟକ ଓ ଅତିରିକ୍ତ ଶ୍ରମ ଅଧିକାରୀ ଦେବାଶିଷ ଜେନାଙ୍କ ବିରୋଧରେ ୪୨୯/୨୩ ରେ ସଦର ଥାନାରେ ମାମଲା ରୁଜୁ ହୋଇଛି । ମାମଲାରୁ ପ୍ରକାଶ ଯେ, ଗଣ୍ଡାକିଆ ଗ୍ରାମର ଚିତ ରଞ୍ଜନ ସ୍ୱାଇଁ ଶ୍ରମ କାର୍ଯ୍ୟାଳରେ କାର୍ଡ ନଂ-ଓଡିକେଡିପି ୦୦୧୦୭୧୭୮୦ ରେ ଶ୍ରମିକ କାର୍ଡ ପ୍ରାପ୍ତ ହୋଇଥିଲେ । ଏଥି ସହିତ କାର୍ଡରେ ଶ୍ରୀ ସ୍ୱାଇଁଙ୍କ ସ୍ତ୍ରୀ ସେବତୀ ସ୍ୱାଇଁ ଓ ପୁଅ ଝିଅଙ୍କ ନାମ ରହିଛି । କେନ୍ଦ୍ରାପଡା ୟୁନିୟନ ବ୍ୟାଙ୍କ ଆକାଉଣ୍ଟ ନଂ ମଧ୍ୟ ଉଲ୍ଲେଖ ରହିଛି । ୨୦୨୨ ମସିହାରେ ସେ ଶ୍ରମିକ ଭାବେ ସରକାରଙ୍କ ପ୍ରଦତ ୧୫୦୦ ଟଙ୍କା ପାଇଥିଲେ । ବର୍ତମାନ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଏହି ନମ୍ବର ଥିବା କାର୍ଡରେ ତାଙ୍କ ନାମ ପରିବର୍ତନ କରାଯାଇ ସୁରେନ୍ଦ୍ର ନାଥ ପରିଡା ମୃତ ବୋଲି ଅନଲାଇନ ରେ ନାମ ଆସୁଅଛି । ଶ୍ରୀ ସ୍ୱାଇଁ କାର୍ଡରେ ଉଲ୍ଲେଖ ଥିବା ସୁରେନ୍ଦ୍ର ନାଥ ପରିଡା ଓ ପୂର୍ଣ୍ଣଚନ୍ଦ୍ର ପରିଡା କାହାରିକୁ ସେ ଜାଣି ନଥିବା ବେଳେ କିମ୍ବା ଏମାନେ ସ୍ଥାନୀୟ ଅଂଚଳର ବାସିନ୍ଦା ନଥିବା ବେଳେ କାର୍ଡରେ ମୃତ ସୁରେନ୍ଦ୍ର ନାଥ ପରିଡା ନାମରେ ବାଲେଶ୍ୱର ର ବ୍ୟାଙ୍କ ଅଫ ଇଣ୍ଡିଆକୁ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ନାମରେ ୪ଲକ୍ଷ ଟଙ୍କା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ରୁ ଜାଲିଆତି କରି ପଠା ଯାଇଛି । ଏ ବିଷୟରେ ଶ୍ରୀ ସ୍ୱାଇଁ ସଦର ଥାନାରେ ଏତଲା ଦେବା ପରେ ସଦର ଥାନା ଅଧିକାରୀ ମାମଲା ୪୨୯/୨୩ ରେ ୨ ଜିଲ୍ଲା ଶ୍ରମ ଅଧିକାରୀ ଓ ସହକାରୀ ଶ୍ରମ ଅଧିକାରୀ ଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡିଛ । ତେବେ ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଘର ବାଲେଶ୍ୱର ଥିବା ଜଣାପଡିଛି ।

କେନ୍ଦ୍ରାପଡା ଜିଲ୍ଲା ବିଜେଡି ଲିଗାଲପ୍ରଂଟ ତରଫରୁ ଟ୍ରେନ ଦୁର୍ଘଟଣା ପାଇଁ ସାମୁହିକ ଦୀପ ଦାନ

କେନ୍ଦ୍ରାପଡ଼ା, ୦୪/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନାଗା ରେଲ ଷ୍ଟେସନ ଟ୍ରେନ ଦୁର୍ଘଟଣା ଘଟି ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାରୁ ମୃତକଙ୍କ ପରିବାରକୁ ଶୋକ ଶାନ୍ତନା ଓ ୯୦୦ରୁ ଉର୍ଦ୍ଧ୍ୱ ଲୋକ ଆହାତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କିଛି ଲୋକ ଅତ୍ୟନ୍ତ ଗୁରତର ଥିବାର ଜଣାଯାଇଛି । ସେମାନେ ସମସ୍ତେ ଅନେକ ବଡ ମେଡିକାଲରେ ଆଡମିସନ ହୋଇ ଚିକିତ୍ସିତ ହେଉଅଛନ୍ତି । ସେମାନଙ୍କ ସୁସ୍ଥ ଓ ଆରୋଗ୍ୟ କାମନା କରି କେନ୍ଦ୍ରାପଡା ଜିଲ୍ଲାର ବିଜେଡି ଲିଗାଲପ୍ରଂଟ ପକ୍ଷରୁ ଆଇନଜୀବୀମାନେ ଗରାପୁର ଠାରେ ଥିବା ଦକ୍ଷିଣ କାଳୀ ମନ୍ଦିରରେ ସାମୁହିକ ଦୀପଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ବିଜେଡି ଲିଗାଲପ୍ରଂଟର କାର୍ଯ୍ୟକାରୀ ସଭାପତି ସଂଜୟ କୁମାର ଜେନାଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା, ରଂଜନ କୁମାର ପଣ୍ଡା, ରମାକାନ୍ତ କାନୁନଗୋ, ରମାକାନ୍ତ ସ୍ୱାଇଁ, ସୁବାଷ ଭଦ୍ର, ମୋହନ ସାହୁ, ଦିଲିପ ପରିଡା, ନିରଞ୍ଜନ ବଳ, ଶିଶିର ମଲିକ, ମାନସ ରଂଜନ ଧଳ, ହରି ପ୍ରସାଦ କର, ବ୍ରଜ ସୁନ୍ଦର ରାଉତ, ଇତିହାସ ଲେଙ୍କା, ଶାନ୍ତି ସ୍ୱରୂପ ଭୂୟାଁ, ମନୋଜ ସାହୁ, ହେମନ୍ତ ସାହୁ, ସରୋଜ ଜେନା,ବିରେନ୍ଦ୍ର ଦାସ, ଗୋବର୍ଦ୍ଧନ ରାଉତ, ଅଜୟ ମହାନ୍ତି, ତମସା ପାତ୍ର, ରେଣୁବାଳା ସାମଲ, ଆଶୁତୋଷ ମହାନ୍ତି, ମାନସ ମହାନ୍ତି, ଚୌଧୁରୀ ସୁବାଷ ମିଶ୍ର, ସୁରେଶ ନାୟକ, ଅନନ୍ତ ଚରଣ ସାହୁ, ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ରହି ମାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ସମସ୍ତ ଆହତ ହୋଇଥିବା ଲୋକ ଶୀଘ୍ର ଆରୋଗ୍ୟ ଲାଭ କରନ୍ତୁ ।।

ବହୁ ଦିନର ଦାବି ପୂରଣ ହେଲା : କ୍ଷେତ୍ରମୋହନ ବିଦ୍ୟାପୀଠ ଫାଇଭ-ଟିରେ ସାମିଲ ହେବା ପରେ ବିଧାୟକଙ୍କ ସମୀକ୍ଷା

ସାଲେପୁର, ୦୪/୦୬ (ନି.ପ୍ର): କଟକ ଜିଲ୍ଲା ନିଷ୍ଚିନ୍ତକୋଇଲି ବ୍ଲକ କଟରପଡା ଂଚାୟତ କ୍ଷେତ୍ରମୋହନ ବିଦ୍ୟାପୀଠଟି ଫାଇଭ-ଟିରେ ସାମିଲ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା । ତାହା ଏବେ ପୂରଣ ହୋଇଛି । ଉକ୍ତ ବିଦ୍ୟାପୀଠକୁ ୪ର୍ଥ ପର୍ଯ୍ୟାୟରେ ୫-ଟିରେ ସାମିଲ କରାଯାଇଥିଲା ବେଳେ ବିଦ୍ୟାଳୟ କାମ କିଭଳି ସଠିକ୍ ଢଙ୍ଗରେ କରାଯିବ ସେ ନେଇ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଏକ ସମୀକ୍ଷା ବୈଠକରେ ଯୋଗଦେଇ ଫେରିଛନ୍ତି । ଆୟୋଜିତ ସ୍ଥାନୀୟ ସରପଂଚ ରାକେଶ କୁମାର ସାମଲଙ୍କ ସଂଯୋଜନା ଏବଂ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଯୋଗଦେଇ ବିଦ୍ୟାଳୟ ପରିସରକୁ ସରସ ସୁନ୍ଦର କରିବା ସହ ବିଦ୍ୟାଳୟ ଗୃହ ନିର୍ମାଣ କରାଯିବା, ଦୁଇଟି ଡିଜିଟାଲ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ଏବଂ ବିଜ୍ଞାନଗାର ଯେପରି ଉନ୍ନତମାନର ହେବ ସେ ନେଇ ବିଧାୟକ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟରଂଜନ ପଣ୍ଡା, କିଟ୍ ର ପ୍ରଶାସନିକ ଅଧିକାରୀ ପ୍ରମୋଦ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ଜିଲ୍ଲାପରିଷଦ ସଭ୍ୟ ଜସ୍ମିତା ସେଠୀ, ମାହାଙ୍ଗା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଶରତ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ ନବଚାରୀ ଦଳବେହେରା, ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ନାଥ, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତିଙ୍କ ସମେତ ପରିଚାଳନା କମିଟିର ସଭ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ସ୍ଥାନୀୟ ସମିତିସଭ୍ୟା ସ୍ୱାଗତିକା ନାୟକ ଓ ମଣ୍ଡଳ ଶିକ୍ଷାଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ଉପେକ୍ଷା କରାଯାଇଥିଲା । ଚଳିତ ବର୍ଷ ଦଶମ ଶ୍ରେଣୀରେ କୌଣସି ଛାତ୍ର ଛାତ୍ରୀ ଏ-୧ ଗ୍ରେଡ୍ ରେ ପାସ୍ କରିନଥିବାରୁ ବିଧାୟକ ବିରକ୍ତି ପ୍ରକାଶ କରିଥିଲେ । ସରପଂଚ ରାକେଶ କୁମାର ସାମଲଙ୍କ ସଂଯୋଜନାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ବିଧାୟକଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ସିଲ୍ଡ ଓ ଅର୍ଥରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟଟି ୫-ଟିରେ ସାମିଲ ହେବା ପାଇଁ ଉକ୍ତ ଂଚାୟତର ପୂର୍ବତନ ସରପଂଚ ଏବଂ ବର୍ତମାନର ସମିତିସଭ୍ୟା ଓ ଗ୍ରାମବାସୀମାନେ ବହୁଦିନ ହେଲା ଦାବି କରିଆସୁଥିଲେ । ବିଦ୍ୟାପୀଠଟି ୫-ଟିରେ ସାମିଲ ହେବା ଦ୍ୱାରା ଛାତ୍ରଛାତ୍ରୀଙ୍କ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି ।

ମୋ ଘର ଯୋଜନାକୁ ସଫଳ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ବୈଠକ

ସୁବର୍ଣ୍ଣପୁର, ୦୪/୦୬ (ନି.ପ୍ର): ଓଡିଶା ସରକାରଙ୍କ ତରଫରୁ ଗ୍ରାମାଂଚଳରେ ଗୃହ ସହାୟତା ନିମନ୍ତେ 'ମୋ ଘର' ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରଶିକ୍ଷଣ ଓ ସଚେତନତା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ଗରିବ ଓ ନିମ୍ନ ମଧ୍ୟବିତ ପରିବାର 'ମୋ ଘର ' ଯୋଜନାରେ ନୂତନ ଗୃହର ନିର୍ମାଣ, ସମ୍ପ୍ରସାରଣ, ସମ୍ପୂର୍ଣ୍ଣିକରଣ ତଥା ଉନ୍ନତିକରଣ ନିମନ୍ତେ ଯେପରି ଅଧିକରୁ ଅଧିକ ଆବେଦନ କରି ଯୋଜନାର ଲାଭ ନେଇପାରିବେ ସେଥିପାଇଁ ବିଶେଷ ଯତ୍ନବାନ ହେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଯୋଜନାର ଶତ ପ୍ରତିଶତ ସଫଳତା ନିମନ୍ତେ ଜିଲ୍ଲାର ତୃଣମୂଳ ସ୍ତରରେ ପଂଚାୟତରାଜ ଜନପ୍ରତିନିଧି, ଗ୍ରାମ୍ୟସ୍ତରୀୟ ଅଧିକାରୀ, ଏସଏଚଜି ସଦସ୍ୟ, ସ୍ଥାନୀୟ ଜନ ସାଧାରଣଙ୍କୁ ସାମିଲ କରି ପ୍ରତି ଂଚାୟତରେ ସ୍ୱତନ୍ତ୍ର ଗ୍ରାମସଭା, ପଲ୍ଲି ସଭା ଅନୁଷ୍ଠିତ କରିବା ପାଇଁ ପୂର୍ବକ ଜନସଚେତନତା କରିବାକୁ ଜିଲ୍ଲାପାଳ ଶ୍ରୀ ରାୟ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ବୈଠକରେ ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କଁହର ଯୋଜନାର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ

ସ୍ୱପ୍ନରେ ଦେଖୁଛନ୍ତି କି ଧଳାକୁକୁର ?

ଏପରି ବ୍ୟକ୍ତି କ୍ୱଚିତ୍ ରହିବେ, ଯିଏ ସ୍ୱପ୍ନ ଦେଖନ୍ତି ନାହିଁ । ଏହା ଏକ ଭିନ୍ନ କଥା ଯେ କିଛି ଲୋକ ସେମାନଙ୍କର ସ୍ୱପ୍ନକୁ ମନେ କରନ୍ତି ଏବଂ କିଛି ଲୋକ ସେମାନଙ୍କୁ ଭୁଲିଯାଆନ୍ତି । ପ୍ରତ୍ୟେକ ଭଲ ଏବଂ ଖରାପ ସ୍ୱପ୍ନର କିଛି ଅର୍ଥ ଅଛି । କିଛି ସ୍ୱପ୍ନ ଜୀବନରେ ଆସୁଥିବା ସୁଖ ଆଡକୁ ସୂଚାଇଥାଏ, ଆଉ କେତେକ ଭବିଷ୍ୟତରେ ଘଟିବାକୁ ଥିବା ଖରାପ ଘଟଣା ବିଷୟରେ ଆଗରୁ ଆଭାସ ବା ଚେତାବନୀ ଦେଇଥାଏ ।

♦ ସମସ୍ତ ସ୍ୱପ୍ନକୁ ସ୍ୱପ୍ନ ଶାସ୍ତ୍ରରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ଏଭଳି ପରିସ୍ଥିତିରେ ଆଜି ଆମେ କିଛି ସ୍ୱପ୍ନ ବିଷୟରେ ଆଲୋଚନା କରିବା । ଯଦି କେହି ତାଙ୍କ ସ୍ୱପ୍ନରେ ଏକ ଧଳା କୁକୁରକୁ ଦେଖନ୍ତି, ତେବେ ଏହା ଏକ ଭଲ ସଙ୍କେତ କି ଏକ ଉଦ୍‌ବେଗଜନକ ବୋଲି ସେ ଦ୍ୱନ୍ଦ୍ୱରେ ପଡ଼ନ୍ତି । ସ୍ୱପ୍ନର ବିଜ୍ଞାନ ଅନୁଯାୟୀ, ଏକ ଧଳା କୁକୁରକୁ ସ୍ୱପ୍ନରେ ଦେଖିବା ଶୁଭ ବୋଲି ବିବେଚନା କରାଯାଏ ।ଏକ ଧଳା ରଙ୍ଗର କୁକୁର ଜୀବନରେ ସୁଖ ଏବଂ ସକାରାତ୍ମକତା ଆଣିଥାଏ । ଏହା ଧନ ଏବଂ ସମ୍ପତ୍ତିର ପରିମାଣ ସୃଷ୍ଟି କରେ । ଏହା ସହିତ ବ୍ୟବସାୟରେ ବୃଦ୍ଧି ଘଟିଛି ।

♦ ଯଦି ତୁମେ ନିଜ ସ୍ୱପ୍ନରେ ତୀର୍ଥଯାତ୍ରାରେ ଯାଉଥିବାର ଦେଖୁଛ, ତେବେ ଏହାର ଅର୍ଥ ମଧ୍ୟ ଶୁଭ ଅଟେ । ଏହିପରି ଏକ ସ୍ୱପ୍ନ ଦେଖିବା ତୁମର ଯେ କୌଣସି ଇଚ୍ଛା ପୂରଣ ହୋଇପାରିବ । ଏହା ସହ ଜୀବନରେ ମଧ୍ୟ ଏକ ସକରାତ୍ମକ ପ୍ରଭାବ ପକାଇଥାଏ ।

♦ ବେଳେବେଳେ ଜଣେ ବ୍ୟକ୍ତିଙ୍କର କିଛି ଅଜବ ସ୍ୱପ୍ନ ମଧ୍ୟ ଥାଏ । ଯଦି ଆପଣ ସ୍ୱପ୍ନ ମଧ୍ୟରେ ଟେଲିସ୍କୋପ ଦେଖାଯାଏ ତେବେ ତାହାର ଅର୍ଥ ଭିନ୍ନ ଅଟେ । ତଥାପି, ସ୍ୱପ୍ନରେ ଟେଲିସ୍କୋପ ଦେଖିବା ଶୁଭ ବୋଲି ଧରାଯାଏ ନାହିଁ । ଏହି ପରି ସ୍ୱପ୍ନ ଦେଖୁଥିବା ବ୍ୟକ୍ତି ଦୁଇଗୁଣ ମାନକ ଅଟନ୍ତି । ସେମାନେ ଅସୁବିଧାର ସମ୍ମୁଖୀନ କରିପାରନ୍ତି ନାହିଁ । ସବୁବେଳେ ଅସୁବିଧାରେ ପଡ଼ନ୍ତି ।

ରକ୍ତଦାନ ଅତ୍ୟନ୍ତ ଲାଭ ଦାୟକ, କମ୍ ହୋଇଥାଏ କର୍କଟ ରୋଗ ଭଳି ଆଶଙ୍କା

'ରକ୍ତ ଦାନ, ମହତ ଦାନ' ଆପଣ ନିଶ୍ଚିତ ଭାବରେ ଏହି ସ୍ଲୋଗାନ ଶୁଣିଥିବେ । କେନ୍ଦ୍ର ଏବଂ ରାଜ୍ୟ ସରକାର ଏହି ସ୍ଲୋଗାନକୁ ଆନୁଷ୍ଠାନିକ ଭାବରେ ବ୍ୟବହାର କରୁଛନ୍ତି । ଲୋକଙ୍କ ମଧ୍ୟରେ ରକ୍ତଦାନ ବିଷୟରେ ସଚେତନତା ସୃଷ୍ଟି କରିବା କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ । ବର୍ତ୍ତମାନ ଦେଶରେ ଏଭଳି ବହୁ ଲୋକ ଅଛନ୍ତି ଯେଉଁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ । ତେଣୁ ସବୁବେଳେ ଯେକୌଣସି ସ୍ଥାନରେ ରକ୍ତର ଅଭାବ ରହିଛି । କିନ୍ତୁ ରକ୍ତଦାତାମାନେ ସାଧାରଣତଃ ରକ୍ତ ଦେବାରେ ବାରଣ କରନ୍ତି ।

ଅନେକ କ୍ଷେତ୍ରରେ ଏହା ମଧ୍ୟ ଦେଖାଯାଇଛି ଯେ ପରିବାର ସଦସ୍ୟ ମଧ୍ୟ ରକ୍ତ ଦେବାଠାରୁ ଦୂରେଇ ଯାଆନ୍ତି । ଏହା ପଛରେ କିଛି ଭୁଲ ଧାରଣା ଅଛି । ସେମାନେ ଭାବନ୍ତି ଯେ ରକ୍ତ ଦେବା ଦ୍ୱାରା ଓଜନ ବଢେ ଆଉ ସ୍ୱାସ୍ଥ୍ୟ ଖରାବ ହୁଏ । ଲୋକମାନେ ଏହି ଚିନ୍ତାଧାରାରୁ ଉପରକୁ ଉଠିବା ଆବଶ୍ୟକ ବୋଲି ଡାକ୍ତରମାନେ କହିଛନ୍ତି । ଯିଏ ଅଧିକ ରକ୍ତ ନିଏ ସେହି ବ୍ୟକ୍ତିଙ୍କ ପାଇଁ ଏହା ଲାଭଦାୟକ ଅଟେ । ଦାତା ମଧ୍ୟ ସମାନ ଲାଭ ପାଆନ୍ତି । ତେବେ ଆସନ୍ତୁ ଜାଣିବା ଏହା କରିବା ଦ୍ୱାରା କଣ ଲାଭ ହୁଏ ।

କର୍କଟ ରୋଗ ହେବାର ଆଶଙ୍କା କମିଛି : ରକ୍ତରେ ଅଧିକ ଆଇରନ୍ ରହିବା କର୍କଟ ଭଳି ବିପଦକୁ ବଢାଇଥାଏ । କିନ୍ତୁ ଯଦି ଆପଣ ନିୟମିତ ଭାବେ ରକ୍ତ ଦାନ କରୁଛନ୍ତି, ତେବେ ଏହା ରକ୍ତରେ ଅଧିକ ଲୌହ ଜମା ହୁଏ ନାହିଁ ଏବଂ କର୍କଟ ରୋଗ ହେବାର ଆଶଙ୍କା ବହୁତ କମିଯାଏ ।

ଓଜନ ହ୍ରାସ କାମ କରେ : ଯେଉଁମାନଙ୍କର ଓଜନ ନିର୍ଦ୍ଦିଷ୍ଟ ଚିକିତ୍ସା ମାନାଙ୍କଠାରୁ କମ୍ ଅଟେ ସେମାନଙ୍କୁ ରକ୍ତ ଦାନ ନକରିବାକୁ କୁହାଯାଇଛି । କିନ୍ତୁ ଏହାର ସୁବିଧା ହେଉଛି ଯେଉଁମାନେ ଟିକେ ଓଜନ ହାସଲ କରିଛନ୍ତି । ରକ୍ତ ଦାନ କରି ଓଜନରେ କିଛି ହ୍ରାସ ଘଟିଥାଏ । ତଥାପି, ଏହା ମନେ ରଖିବା ଜରୁରୀ ଯେ କେବଳ ଓଜନ ହ୍ରାସ କରିବା ପାଇଁ ରକ୍ତ ଦାନ କରିବା ଉଚିତ ନୁହେଁ । ଯଦି ଆପଣ ଏହା କରୁଛନ୍ତି, ତେବେ ନିଶ୍ଚିତ ଭାବରେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ପ୍ରତିରକ୍ଷା ପ୍ରଣାଳୀକୁ ବଢାଇଥାଏ : ରକ୍ତ ଦାନ କରିବାର ଅନ୍ୟ ଏକ ଲାଭ ହେଉଛି ଏହା ପ୍ରତିରକ୍ଷା ପ୍ରଣାଳୀକୁ ମଜବୁତ କରେ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହେତୁ ସାଧାରଣ ଭାଇରାଲ୍ ରୋଗ ଶରୀର ସହଜରେ ଆକ୍ରମଣ କରିବାରେ ସକ୍ଷମ ହୁଏ ନାହିଁ । ଏହା ବ୍ୟକ୍ତିଙ୍କୁ ସୁସ୍ଥ ରଖେ । ଲାଲ ରକ୍ତ କଣିକା ଗଠନ ଏବଂ ନଷ୍ଟ ପ୍ରକ୍ରିୟା କ୍ରମାଗତ ଭାବରେ ଚାଲିଥାଏ ବୋଲି ଡାକ୍ତରମାନେ କହିଛନ୍ତି । ଯଦି ଆପଣ ରକ୍ତ ଦାନ କରନ୍ତି, ତେବେ ନୂତନ ରକ୍ତ କଣିକା ତିଆରି କରିବାର ପ୍ରକ୍ରିୟା ବହୁତ ଦ୍ରୁତ ଅଟେ । ଏହା ଶରୀରରେ ଶକ୍ତି ସ୍ତରକୁ ମଧ୍ୟ ବଢାଇଥାଏ । ନୂତନ ରକ୍ତ ପ୍ଲାଜମା ସୃଷ୍ଟି ହେତୁ ଲ୍ୟୁକୋସାଇଟ୍ ବୃଦ୍ଧି ହୁଏ ।



ଘରେ ସହଜରେ କରନ୍ତୁ ଥାଇରଏଡ୍ ଚିକିତ୍ସା

ଥାଇରଏଡ ବା ଗଳଗ୍ରନ୍ଥି ଏକ ହର୍ମୋନାଲ ରୋଗ । ଗଳାର ଉଭୟ ପାର୍ଶ୍ୱରେ ପ୍ରଜାପତି ଆକୃତିର ଥାଇରଏଡ ଗ୍ରନ୍ଥି ଅଛି । ଏଥିରୁ ଟି-୩-୪ଟି ହର୍ମୋନ ନିର୍ଗତ ହୁଏ । ଯାହା ଶରୀରର ଅନେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । କିନ୍ତୁ, ଯେତେବେଳେ ଏହି ହରର୍ମୋନ ବ୍ୟାଘାତ ହୁଏ , ସେତେବେଳେ ଥାଇରଏଡ ସମସ୍ୟା ଆରମ୍ଭ ହୁଏ । ଆଜିକାଲି ଥାଇରଏଡ ସମସ୍ୟା ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଛି । ବିଶେଷ କରି ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ୫ଗୁଣ ଅଧିକ ଏହି ରୋଗ ଦେଖିବାକୁ ମିଳିଥାଏ । ଥାଇରଏଡ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉଭୟ ପୁରୁଷ ଓ ମହିଳା ଔଷଧ ସେବନ କରୁଛନ୍ତି । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ ଥାଇରଏଡକୁ ନିୟନ୍ତ୍ରଣ କରାଯାଇପାରେ । ଜାଣନ୍ତୁ ସେଗୁଡିକ କ'ଣ ?

ଘରୋଇ ଉପଚାର :

ଅଦା – ଆୟୁର୍ବେଦବିତଙ୍କ ମତରେ ଅଦାରେ ପୋଟାସିୟମ ଓ ମ୍ୟାଗ୍ନେସିୟମ ପରି ଖଣିଜ ପଦାର୍ଥ ଭରି ରହିଛି , ଯାହା ପ୍ରବାହକୁ ମୁକାବିଲା କରିବାରେ ସାହାର୍ଯ୍ୟ କରିଥାଏ । ଥାଇରଏଡକୁ ନିୟନ୍ତ୍ରଣ କରିବା ଲାଗି ଅଦା ଚା' ପି ପାରିବେ । ଏଥି ସହିତ ଅଦା ରସକୁ ଏକ ଚାମଚରେ କାଢି ଏଥିରେ ଅଳ୍ପ ମହୁ ମିଶାଇ ସେବନ କରିପାରିବେ ।

ବାଦାମ – ବାଦାମରେ ପ୍ରୋଟିନ୍, ଫାଇବର, ମିନେରାଲ, ସେମେନିୟମ୍ ରହିଛି । ଯାହାକି ଥାଇରଏଡ୍ ଲାଗି ଖୁବ୍ ଫଳପ୍ରଦ । ଏଥି ସହିତ ମ୍ୟାଗ୍ନେସିୟମ ମଧ୍ୟ ପ୍ରଚୁର ମାତ୍ରାରେ ରହିଛି, ଯାହା ଥାଇରଏଡ୍ ଗ୍ରନ୍ଥିକୁ ଠିକ୍ ଭାବରେ କାମ କରିବାରେ ସହାୟ କରିଥାଏ ।

କ୍ଷୀର – କ୍ଷୀର, ପନିର ଓ ଦହିରେ ଆୟୋଡିନ୍ ମାତ୍ରା ଅଧିକ ରହିଛି, ଏହା ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସହାୟତା ପ୍ରଦାନ କରିଥାଏ । ଏହି କାରଣରୁ ଡାଏଟରେ ଆବଶ୍ୟକ ମୁତାବକ କ୍ଷୀର ଓ କ୍ଷୀରରେ ପ୍ରସ୍ତୁତ ପଦାର୍ଥ ସାମିଲ କରିପାରିବେ ।

ସେଓ ସିରକା – ସେଓ ସିରକା ହରମୋନ୍ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିଥାଏ । ଏହା ଶରୀରର ବାତାବରଣକୁ କ୍ଷାରୀୟ କରିବାରେ ସାହାଯ୍ୟ କରିବା ସହ ମେଟାବଲିଜମକୁ ବଢାଇଥାଏ । ପ୍ରତିଦିନ ସେଓ ସିରକାକୁ ମହୁ ପାଣିରେ ମିଶାଇ ସକାଳୁ ଖାଲି ପେଟରେ ଦୁଇ ଚାମଚ ପିଇଲେ ଥାଇରଏଡ୍ କଣ୍ଟ୍ରୋଲ ହୋଇଥାଏ ।

ନଡିଆ ତେଲ – ନଡିଆ ତେଲରେ ଫ୍ୟାଟ୍ ଏସିଡ୍ ରହିଛି । ଯାହା ଥାଇରଏଡ ଗ୍ରନ୍ଥିର କାର୍ଯ୍ୟରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ନଡିଆ ତେଲରେ ମେଟାବଲିଜମ୍ ବୃଦ୍ଧି ପାଇଥାଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ।

ଦୋକାନର କ୍ୟାସ୍ କାଉଣ୍ଟର କେଉଁ ଦିଗରେ ରହିଲେ ମିଳିବ ଭଲ ଲାଭ, ଜାଣନ୍ତୁ କ'ଣ କହୁଛି ବାସ୍ତୁ

ଦୋକାନ ଖୋଲିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଆଶା ଥାଏ କିପରି ବ୍ୟାପାର ଠିକ ରୂପେ ଚାଲିବ ଓ ସର୍ବଦା ଗ୍ରାହକଙ୍କ ଭିଡ଼ ଲାଗି ରହିବ । କିନ୍ତୁ ଏହିଭଳି ଭାଗ୍ୟ ସମସ୍ତଙ୍କର ହୋଇନଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କିଛି ଏପରି କିଛି ଦୋକାନ ରହିଛି, ଯେଉଁଠି ଦିନ ସାରା ବସିବା ପରେ ମଧ୍ୟ ଗ୍ରାହକ ଦୋକାନକୁ ଆସିନଥାନ୍ତି । ଏପରି କ୍ଷେତ୍ରରେ ହୁଏତ ଦୋକାନରେ କିଛି ବାସ୍ତୁ ଦୋଷ ଥାଇପାରେ । ଆଜି ଆମେ ଆପଣଙ୍କୁ କିଛି ଉପାୟ ବିଷୟରେ କହିବୁ, ଯାହାକୁ ଫଲୋ କଲେ ଦୋକାନ କରି ଆପଣ ହୋଇଯିବେ ମାଲାମାଲ ।

୧-ବାସ୍ତୁ ଅନୁଯାୟୀ, ଯେଉଁ ଦୋକାନର ମୁହଁ ପୂର୍ବ ଦିଗକୁ ହୋଇଥାଏ, ତାହା ସବୁଠୁ ଅଧିକ ଲାଭ ଦେଇଥାଏ । ଏହି ଦୋକାନର ଆୟ ବହୁତ ଭଲ ହୋଇଥାଏ । ସେହିପରି ଦକ୍ଷିଣ ମୁହାଁ ଦୋକାନ କେବେ ବି ଭଲ ଲାଭ ଦେଇ ପାରି ନଥାଏ ।

୨-ଦୋକାନ ମାଲିକ ଅଥବା ସେଠାରେ କାମ କରୁଥିବା ସେଲ୍ସ ମ୍ୟାନ୍ ଯେବେ ବି ଅଫିସରେ କାମ କରନ୍ତି, ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ହେବା ଉଚିତ ।

୩-ଯେଉଁ ଦୋକାନ ଆକାର ଆଗକୁ ଅଧିକ ସମ୍ପ୍ରସାରିତ ହୋଇଥାଏ, ଓ ପଛକୁ କମ୍ ଜାଗା ଥାଏ କିମ୍ବା ବିପରୀତ ହୋଇଥାଏ, ତା' ହେଲେ ଏହାକୁ ଶୁଭ ବୋଲି ଧରା ଯାଇ ନ ଥାଏ । ଦୋକାନ ଯଦି ବର୍ଗାକାର କିମ୍ବା ଆୟତକାର ଥିବ, ତା' ହେଲେ ଏହାକୁ ବେପାର ଲାଗି ଶୁଭ ବୋଲି ଧରା ଯାଇଥାଏ ।

୪-ବାସ୍ତୁ ଅନୁଯାୟୀ, ନିଜ ଦୋକାନର ଅଳିଆ କେବି ବି ଅନ୍ୟ ଦୋକାନ ସମ୍ମୁଖରେ ପକାନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ଉନ୍ନତି ବାଧାପ୍ରାପ୍ତ ହେବ ।

୫- ଦୋକାନ ପାଖରେ ଥିବା ସାମୂହିକ ଜାଗାରେ ମଧ୍ୟ ଅଳିଆ ଗଦା କରନ୍ତୁ ନାହିଁ । ଏହାଦ୍ୱାରା ସେହି ଜାଗାରେ ଥିବା ସମସ୍ତ ଦୋକାନ ମାଲିକ ଆଶାନୁରୂପ ସଫଳତା ପାଇ ପାରି ନ ଥାନ୍ତି ।

୬-ଦୋକାନରେ ବସିବା ସମୟରେ ସବୁବେଳେ ଆପଣ ପୂର୍ବ ଦିଗରେ ବସନ୍ତୁ । ଯେପରି ଆପଣଙ୍କ ମୁହଁ ଉତ୍ତର ଦିଗକୁ ରହିବ । ଏହାଦ୍ୱାରା ଆଶାତୀତ ଲାଭ ହେବ ।

ଅମୃତଭଣ୍ଡା ହାଲ୍‌ୱା

ଆବଶ୍ୟକ ସାମଗ୍ରୀ :

କଞ୍ଚା ଅମୃତଭଣ୍ଡା, କ୍ଷୀର, କଟା ଆଲମଣ୍ଡ, ଚିନି, ଗୁଆ ଘିଅ, କାଜୁ, କିସ୍‌ମିସ୍ ଓ ଗୁଜୁରାତି

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ ଅମୃତଭଣ୍ଡାକୁ ଭଲ ଭାବେ ଧୋଇ ଚୋପା ଛଡ଼ାଇ ଏକ ପାତ୍ରରେ ରଖି ଦିଅନ୍ତୁ । ଏହାପରେ ଅମୃତଭଣ୍ଡାକୁ ଭଲ ଭାବେ କୋରି ଦିଅନ୍ତୁ । ତା'ପରେ କରେଇରେ ଗୁଆ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହୋଇଗଲା ପରେ କୋରା ହୋଇଥିବା ଅମୃତଭଣ୍ଡାକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ ।

ଏହା ଟିକେ ଭାଜି ହୋଇ ଆସିଲେ, ଏଥିରେ କ୍ଷୀର ପକାଇ ଦିଅନ୍ତୁ । ତା'ପରେ ଏହାକୁ ଭଲ ଭାବେ ଗୋଳାଇ ଦିଅନ୍ତୁ । କ୍ଷୀର ଫୁଟିଗଲେ, ସେଥିରେ ଚିନି ପକାନ୍ତୁ । ଏହାପରେ ସେଥିରେ ଗୁଜୁରାତି ଗୁଣ୍ଡ, କଟା କାଜୁ ଓ କିସ୍‌ମିସ୍ ପକାନ୍ତୁ । ଏହାପରେ ଏହି ମିଶ୍ରଣକୁ କିଛି ସମୟ ଅଳ୍ପ ଆଞ୍ଚରେ ରଖି ଧିରେ ଧିରେ ଗୋଳାନ୍ତୁ । ହାଲୱା ଟିକେ ଶୁଖିଲା ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ ସେଥିରେ କଟା ଆଲମଣ୍ଡ ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅମୃତଭଣ୍ଡା ହାଲ୍‌ୱା ।

ଚକ୍ଷୁ ପାଇଁ ଯୋଗ

ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।

ଶୀର୍ଷାସନ : ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

ବଜ୍ରାସନ : ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୫ ଜୁନ୍ ୨୦୨୩, ସୋମବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

କାଳବୈଶାଖୀ ଓ କୃଷି ଉତ୍ପାଦନ...

ଅସହ୍ୟ ଗରମ ଓ ଗୁଳୁଗୁଳିରେ ସନ୍ତୁଳି ହେଉଛି ସମ୍ପ୍ରତି ଓଡ଼ିଶାର ଅନେକ ଅଞ୍ଚଳ । ବେଶ୍ କେତେକ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଛି । ତା' ସାଙ୍ଗକୁ ରହୁଛି କାଳବୈଶାଖୀର ପ୍ରଭାବ । ତଥାପି ଉତ୍ତାପ ବେଳକୁ ବେଳ ବଢ଼ିବାରେ ଲାଗିଛି ସିନା କମିବାର ନାଁ ନାହିଁ । ଇତି ମଧ୍ୟରେ ଜୁନ୍ ମାସ ପ୍ରବେଶ କରି ସାରିଲାଣି । ଆଉ ଦୁଇ ତିନିଦିନ ଭିତରେ ମୌସୁମୀ ଆସିଯିବ ବୋଲି ପାଣିପାଗ ବିଭାଗ ଅନୁମାନ କରୁଛି । ତେବେ ଯେ ପର୍ଯ୍ୟନ୍ତ ବରଷାର ବାରି ମାଟି ଉପରେ ନ ପଡ଼ିଛି, ତାତିରୁ ତ୍ରାହି ପାଇବାର ଭରସା କମ୍ ରହିବ ସମସ୍ତଙ୍କ ମନରେ । ଅପର ପକ୍ଷରେ ଭାରତରେ ମେ' ମାସ ସର୍ବାଧିକ ଉତ୍ତପ୍ତ ମାସ ଭାବରେ ପରିଚିତ ଥିବା ବେଳେ ଚଳିତ ବର୍ଷ ଏଥରେ ଅସଙ୍ଗତି ଦେଖିବାକୁ ମିଳିଛି ; ଏହା ଉତ୍ତର ଭାରତରେ ୧୯୫୧ ପରେ ସର୍ବାଧିକ ଶୀତଳ ମାସ ଭାବରେ ବିବେଚିତ ହୋଇଛି ଏବଂ ୩୬.୮ ଡିଗ୍ରୀ ସେଲ୍‌ସିୟସ୍ ହାରାହାରି ସର୍ବାଧିକ ତାପମାତ୍ରା ସହିତ ଦିଲ୍ଲୀ ୧୯୮୭ ପରେ ଶୀତଳତମ ତାପମାତ୍ରାକୁ ପ୍ରତ୍ୟକ୍ଷ କରିଛି, ଯାହା ମେ' ମାସର ଦୀର୍ଘକାଳୀନ ହାରାହାରି (ଏଲ୍‌ପିଏ)ଠାରୁ ତିନିଗୋଟି ସ୍ତର କମ୍ ବୋଲି କହିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) । ଏହାର କାରଣ ଅଧିକତଃ ମଝିରେ ମଝିରେ ବର୍ଷାର କେତେକ ଅସରା ବୋଲି କୁହାଯାଉଥିବା ବେଳେ କେତେକ ବିଶେଷଜ୍ଞ ଏହାକୁ ପଶ୍ଚିମା ବିଚ୍ୟୁତି (ଡବ୍ଲୁଡି) ସମୂହ ହୋଇଥିବାର ଆଖ୍ୟା ଦେଉଛନ୍ତି, ଯାହାକି ନିଚ୍ଛକ ଭାବରେ ମେ' ମାସ ସୁଦ୍ଧା ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ ହୋଇ ଯାଇଥାଏ, ପରନ୍ତୁ ଚଳିତ ବର୍ଷ ନିମ୍ନ ସ୍ଥାନରେ ରହି ଉତ୍ତରପଶ୍ଚିମ ଏବଂ କେନ୍ଦ୍ରୀୟ ଭାରତକୁ ପ୍ରଭାବିତ କରିଛି । ଭାରତ ଏଭଳି ବାତ୍ୟାଗ୍ରସ୍ତ ଅବସ୍ଥାରୁ ଆଠଗୋଟିକୁ ପ୍ରତ୍ୟକ୍ଷ କରିଛି । ଅନ୍ୟ କେତେକ ବିଶେଷଜ୍ଞଙ୍କ ମତରେ, ଏଭଳି ଅସଙ୍ଗତିପୂର୍ଣ୍ଣ ପାଣିପାଗ ଏଲ୍ ନିନୋ ବର୍ଷଗୁଡ଼ିକରେ ଆଶା କରାଯାଇଥାଏ, ଯାହାକି ଏପ୍ରିଲ ଏବଂ ମେ' ମାସରେ ପ୍ରାକ୍-ମୌସୁମୀ ବର୍ଷା କ୍ଷେତ୍ରରେ ବିପୁଳ ପରିମାଣର ପ୍ରାକୃତିକ ବିବିଧତା ବହନ କରି ଆଣିଥାଏ । ଦେଶର ଉତ୍ତର ଭାଗରେ କମ୍ ତାପମାତ୍ରା ରହିବା ସେହି ଅଞ୍ଚଳର ଲୋକମାନଙ୍କ ପାଇଁ ଆଶ୍ୱାସନାର କାରଣ ନିଶ୍ଚୟ । ଚଳିତ ସପ୍ତାହର ପ୍ରଥମ ଭାଗରେ ଆଇଏସ୍‌ଡି ଏପ୍ରିଲ ମାସଠାରୁ ମୌସୁମୀ ସମ୍ପର୍କିତ ଭବିଷ୍ୟବାଣୀକୁ ଅଧୁନାତନ କରିଛି । ସଦ୍ୟତମ ବିଶ୍ଳେଷଣ ଏଲ୍ ନିନୋ ବିକଶିତ ହେବା ନେଇ ଏହା ପାଖାପାଖି-ନିଶ୍ଚିତତା ସମ୍ପର୍କରେ ଜଣାଇଛି, ଯାହା କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗରରେ ଉତ୍ତାପ ସୃଷ୍ଟି ହେବାର ଏକ ଚକ୍ରୀୟ ପ୍ରକ୍ରିୟା ଏବଂ ଦଶ ବର୍ଷରେ ଛଅ ଥର ପଶ୍ଚିମ, ଉତ୍ତରପଶ୍ଚିମ ଏବଂ କେନ୍ଦ୍ର ଭାରତର ପଶ୍ଚିମ ଅଞ୍ଚଳରେ ସ୍ୱଳ୍ପ ବୃଷ୍ଟିପାତ, ବିଶେଷକରି ଜୁଲାଇ ଏବଂ ଅଗଷ୍ଟ ମାସରେ ହେବା ସହିତ ସଂଯୁକ୍ତ । ଏଲ୍ ନିନୋର ନିଶ୍ଚିତତା ସତ୍ତ୍ୱେ ଆଇଏମ୍ଡି ୫୦-ବର୍ଷୀୟ ଦୀର୍ଘ-କାଳୀନ ହାରାହାରି ୮୭ ସେଣ୍ଟିମିଟରର ୯୬ ପ୍ରତିଶତରେ 'ସ୍ୱାଭାବିକ' ମୌସୁମୀ ଦେଖିବାକୁ ମିଳିବ ବୋଲି ଏହାର ଭବିଷ୍ୟବାଣୀ କରିଛି । ବିଭାଗର ଏପରି ଆକଳନ ପଛରେ ରହିଛି ଏକ ହିସାବ ଯେ ଆଉ ଏକ ପ୍ରକ୍ରିୟା, ଯାହାକୁ ଭାରତୀୟ ମହାସାଗର ଡାଇପୋଲ (ଆଇଓଡି) ବୋଲି କୁହାଯାଏ- ଭାରତ ମହାସାଗରର ପଶ୍ଚିମ ଏବଂ ପୂର୍ବ ଭାଗ ମଧ୍ୟରେ ତାପମାତ୍ରାର ଏକ ଦୋଳନ- ତାହା ବର୍ଷା ସୃଷ୍ଟିରେ ସହାୟକ ହେବ ଏବଂ ଏଲ୍ ନିନୋ ଯୋଗୁଁ ହେବାକୁ ଥିବା ବର୍ଷାର କ୍ଷତିକୁ ଭରଣା କରିଦେବ । ଉଲ୍ଲେଖ କରାଯାଇପାରେ ଯେ ଏଲ୍ ନିନୋକୁ ଯେତିକି ଦୃଢ଼ ଭାବରେ ବୃଷ୍ଟି ହାନି ସହିତ ସଂଯୁକ୍ତ କରାଯାଇପାରେ ଆଇଓଡିକୁ ସେତିକି ଦୃଢ଼ ଭାବରେ ଅଧିକ ବର୍ଷା ହେବା ସହିତ ଯୋଡ଼ାଯାଇ ପାରି ନଥାଏ । ଅତୀତରେ ୧୯୯୭ରେ ଭାରତ ଏକ ବଳିଷ୍ଠ ଏଲ୍ ନିନୋକୁ ପ୍ରତ୍ୟକ୍ଷ କରିଥିଲା, କିନ୍ତୁ ଏକ ସକାରାତ୍ମକ ଆଇଓଡି ଯୋଗୁଁ ୨ ପ୍ରତିଶତ ଅଧିକ ବର୍ଷା ଲାଭ କରିଥିଲା । ତେବେ ସେବେଠାରୁ ଏକା ସମୟରେ ଏ ଦୁଇଟିଯାକ ପ୍ରକ୍ରିୟା ଦେଖିବାକୁ ମିଳି ନଥିଲା, ଯାହା ପ୍ରଥମ ଥର ପାଇଁ ଚଳିତ ମୌସୁମୀ ଋତୁରେ ଦେଖିବାକୁ ମିଳିବା ଆଶା କରାଯାଉଛି । ଆଇଏମ୍ଡିର ଅଧୁନାତନ ରିପୋର୍ଟ ଆହୁରି ମଧ୍ୟ ଦୃଢ଼ ଭାବରେ ଦର୍ଶାଇଛି ଯେ ଦେଶର ବୃଷ୍ଟିପାତ-ନିର୍ଭରଶୀଳ ଅଞ୍ଚଳଗୁଡ଼ିକରେ ବର୍ଷାର ପରିମାଣ ହାରାହାରି ପରିମାଣର ୯୨ରୁ ୧୦୪ ପ୍ରତିଶତ ମଧ୍ୟରେ ରହିବ । ଏ ବୃଷ୍ଟିରୁ ବର୍ଷାର ପରିମାଣ 'ସ୍ୱାଭାବିକ' ରହିବ ବୋଲି କୁହାଗଲେ ସୁଦ୍ଧା ଏଥିରେ ମଧ୍ୟ ଅଧିକ ପରିମାଣରେ ଭିନ୍ନତା ଦେଖିବାକୁ ମିଳିପାରେ ଅର୍ଥାତ୍ ବର୍ଷା ଋତୁରେ ଦୀର୍ଘଦିନ ପର୍ଯ୍ୟନ୍ତ ଶୁଷ୍କ ଏବଂ ବର୍ଷାବିହୀନ ଦିନଗୁଡ଼ିକ ପରେ ପରେ ପ୍ରବଳ ବୃଷ୍ଟିପାତ ଦେଖିବାକୁ ମିଳିପାରେ । ତେବେ ମୋଟାମୋଟି ଜୁଲାଇ, ଅଗଷ୍ଟ ମାସର ବର୍ଷା ଚାଷୀମାନଙ୍କ ପାଇଁ ଭରସାର ବୀଜ ବପନ କରିଥାଏ ଏବଂ ଏହି ମାସରେ ମୌସୁମୀର ବିକ୍ଷିପ୍ତ ଆବଣ୍ଟନ କମ୍ ହେବାର ଆଶଙ୍କା ଥିବାରୁ ଏହା କୃଷି ଉତ୍ପାଦନକୁ ଯଥେଷ୍ଟ ପ୍ରଭାବିତ କରିବାର ସମ୍ଭାବନା ରହିଛି । ଆଶା କରାଯାଉ, ଇନ୍ଦ୍ର ଦେବତା ସମଗ୍ର ଭାରତବାସୀଙ୍କ ପାଇଁ ସହାୟକ ହେବେ ଏବଂ ଅଗ୍ରଗତି ପଥରେ ଥିବା ଅଧିକାଂଶ ପରିମାଣରେ କୃଷି ଉପରେ ନିର୍ଭରଶୀଳ ଦେଶର ଅର୍ଥନୀତିର ଚକକୁ ଆଗକୁ ଗଡ଼ାଇ ନେବାରେ ସହାୟକ ହେବେ ।

ଲୌହଦାନବ

ସୁନୀଲ କୁମାର ପ୍ରଧାନ

ବିଧାତାର ଅବା ଏହାକି ବିଚାର
ଲୌହଦାନବ ସାଜିଲା
କେତେ କେତେ ପ୍ରାଣ ଅଳ୍ପ ସମୟରେ
ମାଟିରେ ମିଶାଇ ଦେଲା ।

ଖଣ୍ଡ ଖଣ୍ଡ ମାଂସ ପଡ଼ିଛି ଭୂମିରେ
ଜୀବନ ଯାଇଛି ଚାଲି
ଅଚେତ ହୋଇଣ ପଡିଛନ୍ତି ଜନ
କିଏବା ପାରିବ ଭୁଲି ।

ପରିବାର ଲୋକ ଚାଲିଆସିଛନ୍ତି
ଦେଖିବେ ନିଜଲୋକଙ୍କୁ
ଭଲ କିବା ମନ୍ଦ ପରଖି ବୁଝିବେ
କଷ୍ଟ ଦେଲା ସମସ୍ତଙ୍କୁ ।

ବହୁ ସ୍ୱେଚ୍ଛାସେବୀ ରକ୍ତଦାନ ପାଇଁ
କାଲି ରାତି ଏଗାରରେ
ରକ୍ତର ଅଭାବ ପୂରଣ କରିଲେ
ଦେବଦୂତ ଅଟନ୍ତିରେ ।

ଏ ଦାରୁଣ କଷ୍ଟ କାହିଁ ପ୍ରଭୁ ଦେଲ
ହୃଦୟ ଯାଉଛି ଥରି
ଆଉ ଯେତେ ଜଣ ଶଯ୍ୟାରେ ଅଛନ୍ତି
ମଙ୍ଗଳ ହେଉ ତାଙ୍କରି ।

+ ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬

ପ୍ରକୃତିର ଆହ୍ୱାନ

ଶୁଭସ୍ମିତା ସାମଲ

ବିଶ୍ୱ ପରିବେଶ ଦିବସ ଏକ ଅଭିଯାନ ଅଟେ । ସାରା ବିଶ୍ୱରେ ପରିବେଶର ନକରାତ୍ମକ ପ୍ରଭାବକୁ ରୋକିବା ଓ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହା ପାଳନ କରାଯାଏ । ଏହି ଦିବସ ପାଳନ ସଂଯୁକ୍ତ ରାଷ୍ଟ୍ର ସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ । ଏହିଦିନ ମାନବୀୟ ପରିବେଶକୁ ନେଇ ସଂଯୁକ୍ତ ରାଷ୍ଟ୍ର ସଂଘର ପ୍ରଥମ ବୈଠକ ୧୯୭୨ ମସିହାରେ ବସିଥିଲା । ଏଥିରେ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର କେନ୍ଦ୍ର ବଦଳାଇବା ପାଇଁ ନିଷ୍ପତ୍ତି ହୋଇଥିଲା । ସେବେଠାରୁ ପ୍ରତିବର୍ଷ ଅଲଗା ଅଲଗା ଦେଶରେ ଏହି ଦିବସ ପାଳିତ ହୋଇ ଆସୁଛି । ତେବେ ୧୯୭୩ ମସିହାରେ ପ୍ରଥମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଥିଲା । ସେବେଠାରୁ ବିଭିନ୍ନ ବିଷୟ ବସ୍ତୁକୁ ନେଇ ପ୍ରତିବର୍ଷ ବିଶ୍ୱର ବିଭିନ୍ନ ସହରରେ ଏହି ଦିବସ ପାଳନ କରାଯାଏ । ବିଶ୍ୱର ପ୍ରାୟ ୧୪୩ଟି ଦେଶ ଏଥିରେ ଭାଗ ନେଇ ପରିବେଶର ସୁରକ୍ଷା, ସମସ୍ୟା ଆଦି ଉପରେ ଆଲୋଚନା କରନ୍ତି ।

ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷ କରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ୍ୟ କମ୍ କରିଛି । ବୈଜ୍ଞାନିକମାନେ ମଧ୍ୟ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକ ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ୍ ୱାର୍ମିଂ, ତେଜସ୍କ୍ରିୟ ବିକିରଣ ମୋବାଇଲ ଟାୱାର ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍‌ମାନେ ମତ ଦିଅନ୍ତୁ ।

ଏହି ସଙ୍କଟକୁ ବର୍ତ୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକର ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବାର ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ । କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡି ଆଦି ପନିପରିବା ଏବଂ କଦଳ. ସେଓ, କମଳା, ପେସ୍ତାବଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି ।

ଚୀନ୍ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନ ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ କୋଲକତା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ଡ. ପାର୍ଥିବ ବସୁ କହିଛନ୍ତି - ଆମ ଜିଡ଼ିପିରେ କୃଷି ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ଜିଡ଼ିପି ଉପରେ ପଡ଼ିବ । ଏହାର ସମାଧନ କେବଳ ଇକୋ - ଫ୍ରେଣ୍ଡଲି ଫାର୍ମିଂ ବୋଲି କହିଛନ୍ତି । କୃଷିରେ ଜୈବିକ ଉର୍ବରକ ବ୍ୟବହାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣିଥରେ ବୃଦ୍ଧି କରାଯାଇପାରିବ । ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ (ଫୁଡ୍ ଆଣ୍ଡ ଏଗ୍ରିକଲ୍‌ଚର ଅର୍ଗାନାଇଜେସନ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍‌ରେ ୨୦୧୨ ଓ ୨୦୧୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ୍ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅଞ୍ଚଳ ମଧ୍ୟ ଗ୍ଲୋବାଲ୍ ୱାର୍ମିଂ ସମସ୍ୟାରୁ ମୁକ୍ତ ନୁହେଁ । ଏହି ଅଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଯୋଗୁଁ ଏଠାରେ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିଦ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ୍ୟ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

+ ପ୍ଲାଜମା ଏକାଡ଼େମୀ ଅଫ୍ ସାଇନ୍ସ, ଚଣ୍ଡୀଛକ, କଟକ

ମନ୍ତ୍ରୀ ମହୋଦୟ, ଲାଲ ବାହାଦୂର ଶାସ୍ତ୍ରୀଙ୍କ ଦ୍ୱାରା ରଚିତ ଇତିହାସକୁ ଦୋହରାଇବେ କି ?

ସୁବ୍ରତ କର

କେବେ ବଣ ପାହାଡ଼କୁ ଯାଇଛନ୍ତି ? ଗାଁରେ ଛୁଟିଦିନ କଟାଇଛନ୍ତି ? ସେଠି ରହି ପ୍ରକୃତିକୁ ଉପଭୋଗ କରିଛନ୍ତି ? ଯଦି ଯାଇଥିବେ ତା'ହେଲେ ରଙ୍ଗବେରଙ୍ଗ ପ୍ରଜାପତି, ଭଅଁର, ସାଧବ ବୋହୂ ଆଦିଙ୍କୁ ଖୁବ୍ ଉପଭୋଗ କରିଥିବେ । ପ୍ରଜାପତି ଫୁଲ ଉପରେ ବସି ପବନରେ ଦୋଳି ଖେଳିବା, ଭଅଁରର ଗୁଞ୍ଜନ ଆଉ ସାଧବ ବୋହୂର ଲାଲ ଟୁକୁଟୁକୁ ରୂପ ଦେଖି ମନ ଖୁସି ହୋଇଯାଏନି ? ସେମାନଙ୍କୁ ଦେଖି ଦେଖି ସମୟ କେମିତି କଟିଯାଏ ଜାଣି ହୁଏନି । ଏବେ ଆଉଥରେ ସେ ସବୁ ସ୍ଥାନକୁ ଯାଆନ୍ତୁ, ବଗିଚାରେ, ପଡ଼ିଆରେ ବସନ୍ତୁ । ସେଠି ବସିଲେ ପିଲାଦିନେ ପ୍ରଜାପତି ପଛରେ ଦୌଡ଼ିବାର ଆଉ ପ୍ରଜାପତି ଧରିବାର ସ୍ମୃତି ସବୁ ତାଜା ହୋଇଯିବ । ହଠାତ୍ ମନେ ହେବ ପ୍ରଜାପତି ସବୁ କୁଆଡ଼େ ଗଲେ ? ଭଅଁରର ସ୍ୱର କାହିଁକି ଶୁଣାଯାଉନିତ ? କେବେ କେମିତି ଗୋଟାଏ ଦୁଇଟା ଆଖିରେ ପଡ଼ିବ । ଆପଣଙ୍କ ପ୍ରିୟ ରଙ୍ଗ କିମ୍ବା ପ୍ରିୟ ଛିଟ ଥିବା ପ୍ରଜାପତିକୁ ଯେତେ ଖୋଜିଲେ ବି ପାଉନଥିବେ ଆପଣ । ନିହାତି ଅଗମ୍ୟ ଗାଁ ଗଣ୍ଡାରେ ବି ଆଉ ଆଗଭଳି ହାଉଯାଉ ପ୍ରଜାପତି ଓ ବିଭିନ୍ନ ରକମର କୀଟପତଙ୍ଗ ଦେଖାଯାଉ ନାହାନ୍ତି ଏବେ । ମହାନଗର ଗୁଡ଼ିକରେ ତ ଏସବୁ ଦେଖିବା ସ୍ୱପ୍ନ ।

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ପରିଶ୍ରମ ଏବଂ ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରାଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ୍ତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛି ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର

ସାହସ ଅଛି ତ କରି ଦେଖାନ୍ତୁ । ତେବେ ସ୍ୱର୍ଗପ୍ରାପ୍ତୀ ହୋଇଥିବା ୩୦୦ଲୋକଙ୍କୁ ସ୍ୱର୍ଗରେ ରହି ମଧ୍ୟ ଶାନ୍ତି ପାଇବେ ଏବଂ ତାଙ୍କର ସମ୍ପର୍କୀୟମାନେ ଖୁସି ହେବେ । ଏ କାରଣ ପ୍ରଧାନମନ୍ତ୍ରୀ ବାଲେଶ୍ୱର ଆସି କହିଗଲେ । ପ୍ରକୃତ ଦୋଷୀ ନିଶ୍ଚିତ ଦଣ୍ଡ ପାଇବ । ପାଇବା ତ ଉଚିତ୍, କିନ୍ତୁ ସତରେ କଣ ପ୍ରକୃତ ଦୋଷୀ ଦଣ୍ଡ ପାଉଛନ୍ତି କି ? ଶେଷରେ ସବୁଠୁ ତଳିଆ କର୍ମଚାରୀମାନେ ବଳି ପଡ଼ିବେ । ଏବେ ଆସିବା ମାନବିକତାକୁ । ନିଶ୍ଚିତ ଭାବରେ ସ୍ଥାନୀୟ ଲୋକମାନେ ଯେଉଁ ଭାବରେ ସାହାଯ୍ୟର ହାତ ବଢ଼େଇଲେ ଏହା ସାରା ରାଜ୍ୟ ଏବଂ ଦେଶ ପାଇଁ ଏକ ଦୃଷ୍ଟାନ୍ତ ହୋଇ ରହିବ । ଏହାକୁ ପ୍ରଧାନମନ୍ତ୍ରୀ ମଧ୍ୟ ସ୍ୱୀକାର କରିଛନ୍ତି । ଶହ ଶହ ବୋତଲ ରକ୍ତ ଦେବା ପାଇଁ ବାଲେଶ୍ୱର ମେଡିକାଲ କଲେଜରେ ଧାଡ଼ି ଲାଗିଲା ଏବଂ ଦୁର୍ଘଟଣା ହେଲା ମାତ୍ରେ କି ସ୍ଥାନୀୟ ବାସିନ୍ଦାଙ୍କ ଅଭୂତପୂର୍ବ ସାହାଯ୍ୟ ପାଇଁ ବହୁତ କିଛି ପ୍ରାଣ ବଞ୍ଚିଗଲା । ପ୍ରଶାସନ ବହୁତ ପଛରେ ପଡ଼ିଲା, ଆଉ ରାଜନୈତିକ ଦଳର ନେତାମାନଙ୍କ କଥା ଛାଡ଼ି ଦିଅନ୍ତୁ । ସେମାନେ ଆସନ୍ତି କଟା ଘା'ରେ ଚୂନ ଦେବାପାଇ

ଗଳ୍ପମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ
୫
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୦୫ ମଇ, ସୋମବାର, ୨୦୨୩

କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର

ନିରଞ୍ଜନ ସାହୁ

ପ୍ରୀତିପର୍ଣ୍ଣୀଙ୍କ ସହିତ ପ୍ରଣୟଙ୍କର ଭେଟ ହୋଇଥିଲା ରେଭେନ୍ସା କଲେଜରେ ସ୍ନାତକ ଶ୍ରେଣୀରେ ଅଧ୍ୟୟନ ବେଳେ । ଅର୍ଥନୀତି ସମ୍ମାନ ଶ୍ରେଣୀରେ ଉଭୟଙ୍କର ମେଧାବୀ ଗୁଣର ପ୍ରତିଦ୍ୱନ୍ଦିତା ଚାଲିଥିଲା ବାରମ୍ବାର । କେତେବେଳେ ବିଭିନ୍ନ ପରୀକ୍ଷାରେ ଅର୍ଥନୀତି ସମ୍ମାନରେ ପ୍ରୀତିପର୍ଣ୍ଣୀ ଅଧିକ ମାର୍କ ରଖୁଥିଲେ ତ କେତେବେଳେ ପ୍ରଣୟ ତାଙ୍କୁ ଟପି ଯାଉଥିଲେ । ଅନ୍ୟ ଛାତ୍ରଛାତ୍ରୀମାନେ ଶତ ପ୍ରଚେଷ୍ଟା ସତ୍ତ୍ୱେ ସେମାନଙ୍କ ସମକକ୍ଷ ହୋଇପାରୁନଥିଲେ ।

ସାଧାରଣତଃ କଲେଜରେ କଳା ବିଭାଗରେ ଯେତେ ବିଷୟ ଥାଏ ତନ୍ମଧ୍ୟରେ ଅର୍ଥଶାସ୍ତ୍ର ଅଧିକ ଗୁରୁତ୍ୱ ବହନ କରେ । ତେଣୁ ଏହି ଦୁଇ ମେଧାବୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲେ ଶୀର୍ଷରେ ରହି କଲେଜ କ୍ୟାମ୍ପସରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ । ଏହି ପ୍ରତିଦ୍ୱନ୍ଦିତା ମନୋଭାବ ସେମାନଙ୍କ ମଧ୍ୟରେ କ୍ରମଶଃ ଏକ ଦୁର୍ବଳତା ସୃଷ୍ଟି କରେ । ତାହା ପାଲଟି ଯାଏ ଏକ ମଧୁର ସମ୍ପର୍କ ଯାହାର ନାଆଁ ପ୍ରେମ ।

ପ୍ରୀତିପର୍ଣ୍ଣୀଙ୍କ ପରିବାର ଉଚ୍ଚ ସମ୍ଭ୍ରାନ୍ତ ବଂଶଜ ହୋଇଥିବା ବେଳେ ତାଙ୍କର ବାପା ସେତେବେଳେ ପୁଲିସ ବିଭାଗରେ ଡ଼ିଏସପି ଭାବରେ କାର୍ଯ୍ୟ କରିଥାନ୍ତି । ଅଥଚ ପ୍ରଣୟଙ୍କ ପରିବାର ଏକ ସାଧାରଣ ନିମ୍ନ ମଧ୍ୟବିତ୍ତ ପରିବାର ଭାବରେ ଗାଆଁରେ ରହନ୍ତି । କୃଷିଜୀବୀ ଭାବରେ ଜୀବିକା ନିର୍ବାହ କରନ୍ତି । ଗୋଟିଏ ନିମ୍ନ ମଧ୍ୟବିତ୍ତ ପରିବାରର ସନ୍ତାନ ଭାବରେ ପ୍ରଣୟ ଉଚ୍ଚଶିକ୍ଷା ଲାଭ କଲେ କେଉଁଠି ଚାକିରୀବାକିରି ଖଣ୍ଡିଏ କରିଲେ ପରିବାରର ଆର୍ଥିକ ଅବସ୍ଥାରେ ସ୍ୱଚ୍ଛଳତା ଆସିବା ଲକ୍ଷ୍ୟରେ ପରିବାରର ଖର୍ଚ୍ଚ କାଣ୍ଟଛାଣ୍ଟ କରି ପ୍ରଣୟଙ୍କ ଶିକ୍ଷା ପାଇଁ ଅର୍ଥ ଯୋଗାଡ଼ କରିବାରେ ପ୍ରଣୟଙ୍କ ବାପା ଖୁବ ପରିଶ୍ରମ କରନ୍ତି । ଅଥଚ ପ୍ରୀତିପର୍ଣ୍ଣୀଙ୍କର ସେଭଳି କିଛି ଅସୁବିଧା ନ ଥାଏ । ଆବଶ୍ୟକତା ଠାରୁ ଅଧିକ ଅର୍ଥ ପାଇ ଖୁବ ଖୁସିରେ ହାତଖୋଲା ଖର୍ଚ୍ଚ କରି କଲେଜରେ ପାଠ ପଢୁଥାନ୍ତି ପ୍ରୀତିପର୍ଣ୍ଣୀ ।

ପ୍ରଣୟ ସବୁ ଜାଣନ୍ତି । ସବୁ ବୁଝନ୍ତି । ଆକାଶ କଇଁଆ ଚିଲିକା ମାଛ ପରି ଏପ୍ରକାର ସମ୍ପର୍କକୁ ସେ ଯେତେ ଆଡେଇ ଦେବାକୁ ଚେଷ୍ଟା କରନ୍ତି ପ୍ରୀତିପର୍ଣ୍ଣୀ ପ୍ରଣୟଙ୍କର ଅତି ସୁନ୍ଦର ବଳିଷ୍ଠ ଚେହେରା ଓ ଅତ୍ୟନ୍ତ ମେଧାବୀ ଗୁଣକୁ ଆଧାର କରି ଦିନକୁ ଦିନ ଅଧିକ ଭଲପାଇ ବସନ୍ତି । ବାମନ ହୋଇ ଚାନ୍ଦ ଧରିବାର ପରିକଳ୍ପନା ଅସମ୍ଭବ ଜାଣି ପ୍ରୀତିପର୍ଣ୍ଣୀଙ୍କୁ ବହୁତ ବୁଝାନ୍ତି ପ୍ରଣୟ । ମାତ୍ର ପ୍ରୀତିପର୍ଣ୍ଣୀଙ୍କ ଏକାନ୍ତ ଜିଦ ପାଖରେ କେବଳ ନିରବ ରହିବା ଛଡା ଅନ୍ୟ ଉପାୟ ନଥାଏ ପ୍ରଣୟଙ୍କର ।

ସ୍ନାତକ ଶ୍ରେଣୀରେ ଶେଷ ବର୍ଷ ଶେଷ ପରୀକ୍ଷାର ଶେଷ ଦିନ ସରିବା ପରେ ହଷ୍ଟେଲ ଛାଡି ଘରକୁ ଫେରିବାର ପର୍ବ କେବଳ ବାକିଥାଏ ସେମାନଙ୍କର । ପରୀକ୍ଷା ପରେପରେ ସେତେଟା ଗହଳି ନଥାଏ କଲେଜରେ । ସେଦିନ ଏକ ନିରୋଳା କକ୍ଷରେ ସାମ୍ନାସାମ୍ନି ବସି ସେମାନେ କଥା ହୋଇଥିଲେ ବିଦାୟ ନେବା ପୂର୍ବରୁ । ଉଭୟଙ୍କ ଆଖିରେ ଲହଡି ଭାଙ୍ଗୁଥିଲା ଅଶ୍ରୁ । ଥରି ଉଠୁଥିଲା ଓଠ । ଭରି ରହିଥିଲା ଛାତିରେ କୋହ । ନିର୍ନିମେଷ ନୟନରେ ପରସ୍ପରକୁ ଚାହିଁ ରହିଥିଲେ ସେମାନେ । ନାସାରୁ ବାହାରୁଥିଲା ଦୀର୍ଘଶ୍ୱାସ । ଇଏ ବୋଧେ ଜୀବନର ଶେଷ ଦେଖା ବୋଲି ପ୍ରଣୟ ଭାବୁଥିଲେ । ଅଥଚ ମନେମନେ ଆଗକୁ ସୁନେଲି ଭବିଷ୍ୟତର ସ୍ୱପ୍ନ ଭିତରେ ବୁଡ଼ି ରହିଥିଲେ ପ୍ରୀତିପର୍ଣ୍ଣୀ । ଉଭୟଙ୍କ ମନର ଅନେକ ଅକୁହା କଥା କଣ୍ଠ ବାହାରକୁ ଆସି ପରିସ୍ଫୁଟ ହୋଇପାରି ନଥିଲା । ପରସ୍ପରର ନିବିଡ଼ ପ୍ରେମକୁ କେବଳ ଯାହା ସେମାନେ ଅନୁଭବ କରୁଥିଲେ । ପ୍ରଣୟ ମନେମନେ ଭାବୁଥିଲେ ଏ ପ୍ରେମ କେବଳ ବନ୍ଧୁତା ଭିତରେ ହିଁ ସୀମିତ ରହିଯିବ । କାରଣ ସ୍ୱପ୍ନ ସବୁ ସତ୍ୟ ହୁଏନା । ସବୁ କଳ୍ପନା ବାସ୍ତବ ହୁଏନା । ଅନେକ ସ୍ୱପ୍ନର ବାଲିଘର ଭାଙ୍ଗିଯାଏ । ତାସ ଘର ସାମାନ୍ୟ ଝଟକାରେ ଭୁଶୁଡି ପଡ଼େ । କ୍ଷଣଭଙ୍ଗୁର ଜୀବନରେ ଆଶା ମରୀଚିକା ପାଲଟେ । କାଚର ଟୁକୁଡା ପରି ଖଣ୍ଡଖଣ୍ଡ ହୋଇଯାଏ ଜୀବନର ଅନେକ ସମ୍ଭାବନା । ଦୀର୍ଘ ସମୟର ନିରବ ଆଳାପ ପରେ ଉଠିଥିଲେ ସେମାନେ । ଶେଷଥର ପାଇଁ ପରସ୍ପରକୁ ଖୁବ ଦୃଢ଼ ଭାବରେ ଆଲିଙ୍ଗନ କରି ବିଦାୟ ନେଇଥିଲେ ସବୁଦିନ ପାଇଁ । ଏ ପ୍ରକାର ବିଦାୟ ବେଳରେ ସେମାନଙ୍କ ପ୍ରେମର ଗଭୀର ବେଦନାକୁ କେବଳ ଅନୁଭବ କରିଥିଲେ ସେହି ଶ୍ରେଣୀ ପ୍ରକୋଷ୍ଠର କାନ୍ଥବାଡ଼, ଡେସ୍କବେଞ୍ଚ , କଳାପଟା ଓ ପଙ୍ଖାଗୁଡିକ ।

ଘରକୁ ଫେରିଥିଲେ ପ୍ରଣୟ । ଆର୍ଥିକ ଅନଟନ ଯୋଗୁଁ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲେ ସେ । ଖୋଜିଥିଲେ ଅନ୍ନସଂସ୍ଥାନ ପାଇଁ କର୍ମସଂସ୍ଥାନଟିଏ । ଅଥଚ ଉଚ୍ଚଶିକ୍ଷା ପାଇଁ ପ୍ରୀତିପର୍ଣ୍ଣୀ ଯାଇଥିଲେ ଜେଏନୟୁ । ସ୍ନାତକୋତ୍ତର ଅର୍ଥନୀତି ଶ୍ରେଣୀରେ ଉଚ୍ଚଶିକ୍ଷା ପାଇଁ ସେ ସେଠାରେ ନାମ ଲେଖାଇଥିଲେ । ଉଭୟଙ୍କ ମଧ୍ୟରେ ଦୂରତା ଯେତେ ବଢ଼ିଥିଲା ପ୍ରେମ ଅବଶ୍ୟ ସେତେ ଗଭୀର ହୋଇଥିଲା । ଉଭୟେ ଉଭୟଙ୍କ ପାଖକୁ ଚିଠି ଦେଉଥିଲେ । ଚିଠି ଖୋଲିଦେଇ ଚିଠିର ଭାଷାକୁ ପଢି ଉଭୟ ଯେତିକି ଭାବପ୍ରବଣ ହେଉନଥିଲେ ତନ୍ମଧ୍ୟରୁ ଚିଠିର ପ୍ରତ୍ୟେକ ପୃଷ୍ଠାରେ ହସ୍ତ ସଞ୍ଚାଳନ କରି ପରସ୍ପର ପରସ୍ପରର ହସ୍ତର ସ୍ପର୍ଶକୁ ଅନୁଭବ କରୁଥିଲେ । ନିରବରେ ଅଶ୍ରୁପାତ କରିବା ଛଡା ଅନ୍ୟ ପନ୍ଥା ନଥିଲା ସେମାନଙ୍କର ।

ଘରର ବଡ଼ ପୁଅ ହିସାବରେ ଅନ୍ୟ ସାନଭାଇ ଓ ଭଉଣୀମାନଙ୍କର ପାଠପଢା ତଥା ପାରିବାରିକ ଦାଇତ୍ୱବୋଧ ପ୍ରଣୟଙ୍କୁ କର୍ମସଂସ୍ଥାନଟିଏ ଯୋଗାଡ଼ କରିବା ପାଇଁ ବାଧ୍ୟ କରିଥିଲା । ଶେଷରେ ନାନା ଇଣ୍ଟରଭ୍ୟୁ ସାମ୍ନା କରିକରି ନିଜ ପାଇଁ କନିଷ୍ଠ କିରାଣୀ ଭାବରେ ସରକାରୀ ଚାକିରୀ ଖଣ୍ଡିଏ ଯୋଗାଡ଼ କରିଥିଲେ । ପାରିବାରିକ ଦାୟିତ୍ୱବୋଧ , ସରକାରୀ ଚାକିରୀର ବ୍ୟସ୍ତତା ଭିତରେ ପ୍ରଣୟ ଏତେ ପେଶି ହୋଇଯାଇଥିଲେ ଯେ ସମୟ ବାହାର କରି ପ୍ରୀତିପର୍ଣ୍ଣୀଙ୍କ ପାଖକୁ ପତ୍ର ଖଣ୍ଡିଏ ଲେଖିବାର ଅବକାଶ ମଧ୍ୟ ପାଉନଥିଲେ । ଠିକ ସେହିପରି ପ୍ରୀତିପର୍ଣ୍ଣୀ ମଧ୍ୟ ସ୍ନାତକୋତ୍ତର ଶିକ୍ଷା ସମାପନ ପରେ ପିଏଚଡ଼ି କରିବା ପାଇଁ ଚାଲି ଆସିଥିଲେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟକୁ ।

ସାନ ଭାଇଭଉଣୀମାନଙ୍କ ଶିକ୍ଷାଗ୍ରହଣ , ପରିବାରର ବୋଝ ଉଠାଇବା ଭିତରେ ଭାରାକ୍ରାନ୍ତ ଜୋଇଗଲେ ପ୍ରଣୟ । କିରାଣୀ ଚାକିରୀର ସୀମିତ ରୋଜଗାର ଭିତରେ ତାଙ୍କର ଦୁଇ ଭଉଣୀଙ୍କର ବିବାହ ମଧ୍ୟ ତାଙ୍କୁ କରାଇବାକୁ ପଡିଥିଲା । ଏହା ମଧ୍ୟରେ ନିଜର ବିବାହ ବୟସ ଗଡିଯାଇଥିବାର ଅନୁଭବ କରିବାର ଅବକାଶ ନଥିଲା ତାଙ୍କର । ପ୍ରୀତିପର୍ଣ୍ଣୀଙ୍କ ପତ୍ରାଳାପ ମଧ୍ୟ ତାଙ୍କୁ ଖୁବ ବିଚଳିତ କରୁଥିଲା । ମାତ୍ର କିଛି ଉପାୟ ନଥିଲା ତାଙ୍କ ପାଖରେ ।

ଏହା ଭିତରେ ବିତି ଯାଇଥିଲା ଅନେକ ବର୍ଷ । ପ୍ରଣୟ ନିଜର ସାନ ଦୁଇଭାଇଙ୍କର ବିବାହ କରାଇ ଦେଇଥିଲେ । ମାତ୍ର ନିଜର ଗଡି ଯାଇଥିବା ବୟସରେ ଆଉ ବିବାହ କରିବାକୁ ଆଦୌ ରାଜି ହୋଇନଥିଲେ । ସେହିପରି ପ୍ରୀତିପର୍ଣ୍ଣୀଙ୍କ ସହିତ ପତ୍ରାଳାପକୁ ମଧ୍ୟ ବନ୍ଦ କରିଦେଇଥିଲେ ସେ । ଏବେ ଆଉ ପ୍ରେମାଳାପ କରିବାର ବୟସ ନଥିଲା କି ପ୍ରୀତିପର୍ଣ୍ଣୀଙ୍କ ସହିତ ସମ୍ପର୍କ ରଖି କିଛି ଲାଭ ନ ହୋଇ କେବଳ ମାନସ୍ତାପ କରିବା ଛଡା ଅନ୍ୟ ପନ୍ଥା ନଥିଲା । ପତ୍ର ନ ପାଇ ବାରମ୍ବାର ପତ୍ର ଲେଖିଲେଖି ନିରାଶ ହୋଇ ମଧ୍ୟ ପ୍ରୀତିପର୍ଣ୍ଣୀ ନିଜକୁ ସମ୍ଭାଳି ନେଇଥିଲେ ସବୁଦିନ ପାଇଁ ।

ସେଦିନ ଏଡ଼ିଏମ କାର୍ଯ୍ୟାଳୟରେ ନୂଆ ଏଡିଏମ ଭାବେ ଜଏନ କରିବା ପାଇଁ ଯେଉଁ ଅଫିସରଙ୍କର ଆସିବାର ଥିଲା ତାଙ୍କର ନାମ ସଂଯୋଗବଶତଃ ଥିଲା ଡକ୍ଟର ପ୍ରୀତିପର୍ଣ୍ଣୀ ରାୟ । ଏହି ନାମ ଶୁଣିବା କ୍ଷଣି ସେଦିନ ସେହି କାର୍ଯ୍ୟାଳୟରେ କାମ କରୁଥିବା ପ୍ରଣୟବାବୁ ଚମକି ଉଠିଥିଲେ । ମନେମନେ ଭାବିଥିଲେ ଇଏ ସେହି ପ୍ରୀତିପର୍ଣ୍ଣୀ ନୁହଁନ୍ତି ତ ? ନାମ ତ ସମାନ ଅଛି । ତେବେ ଏହା ଭିତରେ ପ୍ରୀତିପର୍ଣ୍ଣୀ କ'ଣ ପ୍ରଶାସନିକ ସେବା ଅଧିକାରିଣୀ ହୋଇଯାଇଛନ୍ତି ? ଯଦି ସେ ଏହି ପଦବୀ ପାଇଛନ୍ତି ତେବେ ତ ତାଙ୍କୁ ଚିଠି ଲେଖି ଆଶ୍ଚର୍ଯ୍ୟ କରି ଦେଇଥାନ୍ତେ । ତେବେ ଏତେ ବଡ଼ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରୀତିପର୍ଣ୍ଣୀ ତାଙ୍କୁ କେମିତି ଭୁଲିଗଲେ ? ହଁ , ନ ଭୁଲିବେ କେମିତି ? ସେ ନିଜେ କ'ଣ ତାଙ୍କୁ ମନେରଖିଛନ୍ତି କି ? ପ୍ରୀତିପର୍ଣ୍ଣୀଙ୍କ ଜଏନ କରିବା ଦିନ ଛୁଟିନେଇ ଅଫିସ ଗଲେନାହିଁ ପ୍ରଣୟ । କାରଣ ଅଫିସର ଜଣଙ୍କ ତାଙ୍କ ପ୍ରୀତିପର୍ଣ୍ଣୀ ହୋଇଥାନ୍ତି ତେବେ ଅଫିସରଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ ଜଣାଇବାକୁ ଯିବାବେଳେ ପ୍ରୀତିପର୍ଣ୍ଣୀ ତାଙ୍କୁ ଦେଖିଲେ କଣ ଭାବିବେ ସତରେ ?

ଅଫିସରେ ଦୁଇତିନି ଦିନ କାର୍ଯ୍ୟ କରିବା ଭିତରେ ପ୍ରୀତିପର୍ଣ୍ଣୀ ମାଡାମ ଏକ ଗୁରୁତ୍ୱପୂର୍ଣ୍ଣ ଫାଇଲ ଦେଖିବା ପାଇଁ ବଡବାବୁଙ୍କୁ ନିର୍ଦ୍ଦେଶ ଦେଲେ । ବଡବାବୁ ଏ ଫାଇଲ କାର୍ଯ୍ୟ ସମ୍ପାଦନ କରୁଥିବା ପ୍ରଣୟବାବୁଙ୍କୁ ଫାଇଲ ନେଇ ମାଡାମଙ୍କୁ ଦେଖା କରିବାକୁ ସୂଚନା ଦେବାରୁ ବାଧ୍ୟ ହୋଇ ପ୍ରଣୟବାବୁ ଫାଇଲ ଧରି ମାଡାମଙ୍କ ଚ୍ୟାମ୍ବରକୁ ଗଲେ । ଫାଇଲ ଧରି ଖୁବ ସତର୍କତାର ସହିତ ଚ୍ୟାମ୍ବର ଭିତରକୁ ପଶି ମାଡାମଙ୍କୁ ପ୍ରଣାମ ଜଣାଉ ଜଣାଉ ଯାହା ଦେଖିଲେ ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେଦିନର ସେହି ଅଫିସର ମାଡାମ ଜଣଙ୍କ ଥିଲେ ସ୍ୱୟଂ ତାଙ୍କର ପ୍ରଣୟିନୀ ପ୍ରୀତିପର୍ଣ୍ଣୀ । ପ୍ରୀତିପର୍ଣ୍ଣୀ ପ୍ରଣୟଙ୍କୁ ଏତେଦିନ ପରେ ହଠାତ ଦେଖି ଯେତିକି ଆଶ୍ଚର୍ଯ୍ୟ ହେଲେ ସେତିକି ଭାବପ୍ରବଣ ହୋଇଉଠିଲେ । ତାଙ୍କର ହଜିଲା ଧନ ଯେ ଆଜି ତାଙ୍କର ହାତ ପାଆନ୍ତାରେ । ପ୍ରଣୟବାବୁ ଦେଖୁଥିଲେ ଏବେ ବି ପ୍ରୀତିପର୍ଣ୍ଣୀ କୁଆଁରୀ ବେଶରେ ଅଛନ୍ତି । ନା ଅଛି ମଥାରେ ସିନ୍ଦୁର ନା ଅଛି ହାତରେ ଶଙ୍ଖା । ସେଦିନର ସେହି ପ୍ରୀତିପର୍ଣ୍ଣୀ ଏବେ ବି ଠିକ ସେମିତି ଅଛନ୍ତି । ଅବଶ୍ୟ ବୟସର ଛାପ ସାମାନ୍ୟ ପଡିଛି ତାଙ୍କ ଉପରେ । ଅଫିସର ଚେୟାରରୁ ତତକ୍ଷଣାତ ଉଠି କବାଟଟାକୁ ଭିତର ପଟୁ ହଠାତ ଲକ କରିଦେଲେ ପ୍ରୀତିପର୍ଣ୍ଣୀ । ପ୍ରଣୟଙ୍କ ପାଦ ଦୁଇଟିକୁ ଛୁଇଁ ମଥାନତ ପ୍ରଣାମ କଲେ । ଅଫିସରଙ୍କ ଟେବୁଲ ସାମ୍ନାରେ ପଡିଥିବା ଗୋଟିଏ ଚେୟାରରେ ପ୍ରଣୟଙ୍କୁ ବସାଇ ନିଜେ ତାଙ୍କ ପାଖ ଚେୟାରରେ ବସିରହି ପ୍ରଣୟଙ୍କ ହାତକୁ ଖୁବ ଜୋରରେ ଜାବୁଡ଼ି ଧରି କଇଁକଇଁ ହୋଇ କାନ୍ଦି ଉଠିଲେ । ପ୍ରବୋଧନା ଦେଲେ ପ୍ରଣୟ । ଆଉ କାନ୍ଦିବା ଉଚିତ ନୁହେଁ ବୋଲି ବୁଝାଇଲେ ପ୍ରୀତିପର୍ଣ୍ଣୀଙ୍କୁ । ସାଷ୍ଟାଙ୍ଗ ହୋଇ ପ୍ରୀତିପର୍ଣ୍ଣୀ ଜାଣିବାକୁ ଚାହିଁଲେ ପ୍ରଣୟଙ୍କ ବର୍ତ୍ତମାନ ସ୍ଥିତି ବାବଦରେ । ପ୍ରଣୟ ଗୋଟିଗୋଟି କରି କହିଥିଲେ ନିଜ ଜୀବନର ବର୍ତ୍ତମାନର ଅବସ୍ଥାକୁ । ଆଉ କାନ ଖୋଲି ବି ଶୁଣିଥିଲେ ପ୍ରୀତିପର୍ଣ୍ଣୀଙ୍କର ଜୀବନୀକୁ ।

ଏବେ ଉଭୟ ଥିଲେ ସରକାରୀ ଚାକିରୀଆ । ଯଦିଓ ଜଣେ ଅଫିସର ଓ ଅନ୍ୟ ଜଣେ ଅଧସ୍ତନ କର୍ମଚାରୀ କିରାଣୀ । ଉଭୟେ ଥିଲେ ଅବିବାହିତ । ଉଭୟଙ୍କ ମଧ୍ୟରେ ପ୍ରେମର ଫଲ୍ଗୁ ପ୍ରବାହିତ ହୋଇଥିଲା ପୁଣି ଥରେ । ଉଭୟେ ବିବାହ ଯୋଗ୍ୟ ବୟସ ଅତିକ୍ରମ କରିଥିଲେ । ତେବେ ଉଭୟଙ୍କର ବର୍ତ୍ତମାନକୁ ନେଇ ଉଭୟ ଚିନ୍ତିତ ଥିଲେ । ପ୍ରୀତିପର୍ଣ୍ଣୀ ପରେପରେ ଖୁବ ଜିଦି ଧରିଥିଲେ ପ୍ରଣୟଙ୍କୁ ବିବାହ କରିବା ପାଇଁ । ମାତ୍ର ପ୍ରଣୟ ନିଜଆଡୁ ଏ ପ୍ରସ୍ତାବକୁ ସ୍ୱୀକାର ନକରି ମନା କରିଦେଇଥିଲେ । କାରଣ ଉଭୟଙ୍କ ମଧ୍ୟରେ ଥିବା ଶିକ୍ଷାଗତ ଯୋଗ୍ୟତା , ପଦପଦବୀ , ଆର୍ଥିକ ସ୍ଥିତି , ସାମାଜିକ ପ୍ରତିଷ୍ଠା , ବୟସର ଅତିକ୍ରାନ୍ତ ସମୟକୁ ବିଚାରକୁ ନେଇ ପ୍ରଣୟ ପଛଘୁଞ୍ଚା ଦେଇଥିଲେ । ବରଂ ସାରା ଜୀବନ ପରସ୍ପର ବନ୍ଧୁ ଭାବରେ ରହି ଏମିତି କଟାଇ ଦେଇ ଆସନ୍ତା ଜନ୍ମରେ ପରସ୍ପରର ଜୀବନ ସାଥି ହେବାପାଇଁ ମିଳିତ ପ୍ରତିଜ୍ଞା କରି ଈଶ୍ୱରଙ୍କ ଶରଣାପନ୍ନ ହେବାକୁ ପ୍ରଣୟ ପରାମର୍ଶ ଦେଇଥିଲେ । ପ୍ରୀତିପର୍ଣ୍ଣୀଙ୍କ କଳ୍ପନାରେ ପୂର୍ଣ୍ଣଛେଦ ପଡିଥିଲା ସବୁଦିନ ପାଇଁ । ମାତ୍ର ପ୍ରୀତିପର୍ଣ୍ଣୀଙ୍କ ନାରୀ ସୁଲଭ ଗୁଣ ଓ ପ୍ରେମିକାର ସ୍ୱଭାବ କିନ୍ତୁ ପ୍ରଣୟଙ୍କ ପାଖରେ ଆଉ ଦୂରତା ଓ ବନ୍ଧନ ରଖିପାରି ନଥିଲା । ଏକଥା ଧୀରେଧୀରେ ଅଫିସରେ ଆଲୋଚନା ଚାଲିଥିଲା । ପ୍ରଣୟ ବାବୁଙ୍କ ସହିତ ମାଡାମଙ୍କ ହାବଭାବ, ଚାଲିଚଳଣ, କାର୍ଯ୍ୟକଳାପରୁ ପ୍ରକୃତ ସତ୍ୟଟା ପଦାକୁ ଆସିବା ପରେ ସମସ୍ତ ଅଧସ୍ତନ କର୍ମଚାରୀମାନେ ସେମାନଙ୍କୁ ବୈବାହିକ ଜୀବନରେ ବାନ୍ଧି ହେବାପାଇଁ ଅନୁରୋଧ ମଧ୍ୟ କରିଥିଲେ । ପ୍ରୀତିପର୍ଣ୍ଣୀ ମାଡାମଙ୍କର ପୂର୍ଣ୍ଣ ସମର୍ଥନ ଥିଲା ସେଥିରେ । ମାତ୍ର ପ୍ରଣୟ ବାବୁ ଅମଙ୍ଗ ହୋଇ ପରସ୍ପର ପରସ୍ପରର ଭଲ ବନ୍ଧୁ ହୋଇ ଅବଶିଷ୍ଟ ଜୀବନ କଟାଇ ଦେବାର ପରାମର୍ଶ ଦେଇ ଦୃଢ଼ ନିଷ୍ପତ୍ତି ନେଇଥିଲେ ।

ଏବେ ସେମାନେ ଉଭୟଙ୍କର ଖୁବ ନିକଟତର ବନ୍ଧୁ । ଉଭୟଙ୍କ ପରିବାର ମଧ୍ୟ ଏବେ ଏକଥା ଜାଣିଗଲେଣି । ଅଫିସ ଏବେ ଆଗ ଅପେକ୍ଷା ପାରିବାରିକ ସମ୍ପର୍କ ନେଇ ଚାଲିଲାଣି । ଏଠି ଏବେ ଅଫିସର ଓ ଅଧସ୍ତନ କର୍ମଚାରୀଙ୍କ ଦୂରତା କମି ଆସିଲାଣି । ସମସ୍ତଙ୍କ ମୁହଁରେ ଏବେ ଗୋଟିଏ ଚର୍ଚ୍ଚା । ସତରେ ପ୍ରଣୟ ବାବୁ ଜଣେ ଭଲ ମଣିଷ । ସେ ଜଣେ ଖୁବ ଭଲ ବନ୍ଧୁ । ନଚେତ କେହି କ'ଣ ଏତେଦିନ ପରେ ପାଇଥିବା ନିଜ ପ୍ରେମ ଓ ପ୍ରଣୟିନୀଙ୍କୁ ଉପେକ୍ଷା କରି ସମ୍ପର୍କକୁ ବନ୍ଧୁତା ସୂତ୍ରରେ ବାନ୍ଧି ଦେଇପାରେ ? ଏମିତି କେତେ ଜଣ ଅଛନ୍ତି ଯେଉଁମାନେ କି ଏପ୍ରକାର ସୁବର୍ଣ୍ଣ ସୁଯୋଗକୁ ହାତଛଡା କରି ନିର୍ବିକାର ଭାବରେ ହୃଦୟରେ ବନ୍ଧୁତାକୁ ସ୍ଥାନ ଦେଇ ପ୍ରେମକୁ ' ସତ୍ୟ -- ଶିବ -- ସୁନ୍ଦର' ଭାବରେ ରୂପାନ୍ତରିତ କରିପାରନ୍ତି ?

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ - ୭୫୯୦୧୬
ମୋ : ୯୯୩୮୭୪୧୫୮୩

ଅଭିନୟ

ପ୍ରଫୁଲ୍ଲ ବାରିକ

ସୋମୁ ଦିଲ୍ଲୀରେ ଚାକିରୀ କରେ । ଦି'ବର୍ଷ ହେଲା ଚାକିରୀ ପାଇଛି । ଘର ନିସା ଛାଡିନି । ଦିଲ୍ଲୀର ଆକର୍ଷଣ ଏଯାକେ ବାନ୍ଧି ପାରିନି । ଘରେ ମାଆ ଓ ବାପା । ଏକୋଇର ବଳା ପରିବାରର । ଖାସ ମାଆଙ୍କ ପାଇଁ ଛଅ ମାସରୁ ଅଧିକ ରହି ପାରେନା । ଛୁଟିଆସେ ଗାଁ'କୁ । ହଉପଛେ ଦୁଇ ଚାରିଦିନ, ରହି ନଗଲେ ମନ ଲାଗେନା କାମରେ ।

ସେଥର ଆସିଥାଏ । ଅପରାହ୍ନ ପାଞ୍ଚଟା ହବ । ଡ୍ରଇଂ ରୁମରେ ବସି ବାପ ପୁଅ କଥା ହଉଥାଆନ୍ତି । ଅନ୍ନପୂର୍ଣ୍ଣା ଦେବି ସହାସ୍ୟ ଟ୍ରେ'ରେ ଚାଆ ତିନି କପ ଧରି ପ୍ରବେଶିଲେ । ଦୁଇ ଜଣଙ୍କ ହାତକୁ ଦୁଇକପ ବଢେଇ ନିଜେ କପଟି ଧରି ଚେୟାରରେ ବସୁବସୁ କହିଲେ - କି କଥା ହଉଛ ବାପ ପୁଅ ? ମୋତେ ଟିକେ ଭାଗିଦାର କର ହେଲେ । ମୋ'ରତ ସବୁ ସମୟ ରୋଷେଇ, ଘର କାମରେ ଗଲା । କେତେବେଳେ ଶାନ୍ତିରେ ବସି ମୁହୂର୍ତ୍ତେ କଥା ହେଇ ପାରୁଛି କି ?

---- ତମେ ତମ କାମ କର । ତମ କାମ ଠିକ ତ ତମେ ଠିକ । ଇଆଡ଼େ କିଆଁ କାନ ଦଉଚ ?

--- ମୋ'ର ଜନ୍ମତ ଏଥିପାଇଁ । ଜୀବନଟା ଯାକ ଠିକା ନେଇଛି ଘର କାମର । ନା ବାପର ଚିନ୍ତା, ନା ପୁଅର । ମୁଁ'ତ ବେଳୁବେଳ ଭୁଆସୁଣୀ ହଉଚି । ବୟସ ବଢୁଛି କି ?

ଅନ୍ନପୂର୍ଣାଙ୍କ କଣ୍ଠରେ ଅଭିମାନ ।

--- କାଇଁ ବ୍ୟସ୍ତ ହଉଚୁ ବୋଉ ? ସବୁ ଠିକ ହେଇଯିବ ।

ଅନ୍ନପୂର୍ଣ୍ଣା ଅନେଇଲେ ସ୍ନେହାର୍ଦ୍ର ଦୃଷ୍ଟିରେ ପୁଅକୁ । କହିଲେ -- କଣ ଠିକ ହବ ? କେବେ ? କହିଲୁ, ମୁଁ ଶୁଣେ.. ?

ସୋମୁ ଚୁପ ରହିଲା । ଆଉ ଆଗେଇଲାନି ଆଗକୁ ।

ବୋଉ କହିଲେ - ଦେଖ ସୋମୁ, ଚାକିରୀକୁ ଥିଲା ଅପେକ୍ଷା । ଭଗବାନଙ୍କ ଦୟାରୁ ସମାଧାନ ହେଲା । ଏଥର ମଉସୁମକୁ ବାହାଘର ଯିମିତି ହେଲେ କରିଦେବା । ଆଉ ଡେରି କାଇଁକି ?

ବୀରକିଶୋରଙ୍କୁ ଅନେଇ କହିଲେ - ନା କଣ କହୁଛ ?

---- ନା ବୋଉ, ଅପେକ୍ଷା କର । ବ୍ୟସ୍ତ ହଅନା...

ମୃଦୁ ଧକ୍କାଟିଏ ଖାଇ, ପୁଅକୁ ଅନେଇଲେ ଅନ୍ନପୂର୍ଣ୍ଣା ।

-- ଅପେକ୍ଷା କଣ ପାଇଁ ? କିଛି ଖାସ ଅସୁବିଧା ? କୋଉଠି କାହାକୁ ଠିକ କରିଛୁ କି ?

ସୋମୁ ବସିଲା ନିରୁତ୍ତର ତଳକୁ ଅନେଇ ଚୁପ ଚାପ । ଲାଗୁଥାଏ ଯିମିତି ବୀରାଟ ଦୋଷରେ ଦୋଷୀଟିଏ ସିଏ ।

--- ଆରେ କହୁନୁ ? ନକହି ବସିଲୁ କାଇଁ ଚୁପଚା

ଆଗାମୀ ନିର୍ବାଚନ ପରିବାରବାଦ ବନାମ ସାଧାରଣ ଜନତା ହେଉ

ବଲାଙ୍ଗିର, ୦୪/୦୬ (ନି.ପ୍ର): ଓଡ଼ିଶାର ରାଜନୀତି ବଡ ବିଚିତ୍ର ସ୍ଥିତିରେ ରହିଛି । ବହୁତ ବଡ଼ ବଡ଼ ଦୁର୍ନୀତି ଘଟଣାବଳୀ, ଚାଂଚଲ୍ୟକର ଅଘଟଣ ଘଟିଥିବା ସତ୍ତ୍ୱେ ଓଡ଼ିଶାରେ ଦୀର୍ଘ ୨୪ ବର୍ଷ ଧରି ଗୋଟିଏ ଦଳର ଶାସନ ଚାଲିଛି । ପ୍ରତୀୟମାନ ହେଉଛି ସତେ ଯେମିତି ଓଡ଼ିଶାରେ ବିରୋଧୀ ଦଳର କିଛି ସ୍ଥିତି ନାହିଁ । ଜନସାଧାରଣଙ୍କ ଅନେକ ସମସ୍ୟା ଅସମାହିତ ହୋଇ ପଡ଼ିଥିବା ସତ୍ତ୍ୱେ ତଥା ଦେଶର ଅର୍ଥନୈତିକ ମାନଚିତ୍ରରେ ରାଜ୍ୟ ବହୁତ ତଳେ ଥିବା ସତ୍ତ୍ୱେ ସେଭଳି କିଛି ଆଖିଦୃଶିଆ ଜନ ଆନ୍ଦୋଳନ ଦୃଷ୍ଟିଗୋଚର ହେଉନାହିଁ । ଶାସନ ବ୍ୟବସ୍ଥା ବିରୁଦ୍ଧରେ ପ୍ରବଳ ଜନମତ ଥିବା ସତ୍ତ୍ୱେ ତାହା ନିର୍ବାଚନରେ ପ୍ରତିଫଳିତ ହେଉନାହିଁ । ଅନ୍ୟପକ୍ଷରେ ରାଜ୍ୟର ପ୍ରମୁଖ ବିରୋଧୀ ଦଳୀୟ ନେତାମାନେ ନିଜ ନିଜର ପୁଅ / ଝିଅ ମାନଙ୍କ ପାଇଁ ବିଜେଡ଼ିରେ ଟିକଟ କରାଇବାରେ ବ୍ୟସ୍ତ ଥିବା ଭଳି ଜଣାପଡୁଛି । କୋଶଳାଂଚଳର ଅବସ୍ଥା ଆହୁରି ଶୋଚନୀୟ । ଦେଶର ସର୍ବାଧିକ ଉଗ୍ର ଆଂଚଳିକ ବୈଷମ୍ୟର ଶିକାର ହୋଇଥିବା ଏ ଅଂଚଳ ଐତିହାସିକ ଛାତ୍ର ଆନ୍ଦୋଳନ, କୃଷକ ଆନ୍ଦୋଳନ, ବିସ୍ଥାପନ ବିରୋଧି ଆନ୍ଦୋଳନ, ଆଦିବାସୀ ଆନ୍ଦୋଳନ ପାଇଁ ଦେଶରେ ଚାଂଚଲ୍ୟ ସୃଷ୍ଟି କରିଥିଲା । ବିଗତ ୩ ଦଶକ ଧରି କ୍ରମାଗତ ଭାବରେ ସ୍ୱତନ୍ତ୍ର କୋଶଳରାଜ୍ୟ ପାଇଁ ଆନ୍ଦୋଳନ ଚାଲି ଆସିଥିଲା । ହାଇକୋର୍ଟ ବେଂଚ ପାଇଁ ଲଗାତାର ଭାବରେ ଆଇନଜୀବୀ ଆନ୍ଦୋଳନ ବ୍ୟବସ୍ଥାକୁ ସ୍ଥାଣୁ କରି ଦେଇଥିଲା । କିନ୍ତୁ, ଆଜି ସେସମସ୍ତ ଆନ୍ଦୋଳନ ଇତିହାସ ହୋଇଯିବାକୁ ବସିଲାଣି । ଅନ୍ୟପକ୍ଷରେ ଅନାହାର ମୃତ୍ୟୁ, ଦାଦନ ସମସ୍ୟା, ବେକାରୀସମସ୍ୟା, ଚାଷୀ ଆତ୍ମହତ୍ୟା, ଶିଶୁ / ମାତୃ ମୃତ୍ୟୁହାର ବୃଦ୍ଧି ସମସ୍ୟାରେ ଜର୍ଜରିତ ଏ ଅଂଚଳ ଆଜି ହତାଶା ଭିତରେ ରହିଛି । ଅବସ୍ଥା ଏଭଳି ସଂଗୀନ ଯେ ଭୟଙ୍କର କରୋନା ସମୟରେ ଏ ଅଂଚଳରେ "ବନ୍ଦେ ଉତ୍କଳ ଜନନୀ"କୁ ରାଜ୍ୟ ସଂଗୀତର ମର୍ଯ୍ୟାଦା ଦେଇଦେବା ସତ୍ତ୍ୱେ ରାଜ୍ୟବାଦୀ ସଂଗଠକଙ୍କ ଛଡ଼ା ଆଉ କେହି ପ୍ରତିବାଦ କଲେ ନାହିଁ । କୋଶଳାଂଚଳ ନିର୍ବାଚିତ ପ୍ରତିନିଧିମାନେ କେବଳ ନିଜର ତଥା ନିଜ ପରିବାରର ସ୍ଥିତି, ପ୍ରତିପତି ଓ ସମ୍ପତି ପାଇଁ ତତ୍ପରଶୀଳ, ଅଂଚଳ ପାଇଁ ନୁହେଁ । ଅବିଭକ୍ତ ବଲାଙ୍ଗିର ଜିଲ୍ଲା ଯାହାକି ଏକ ଲୋକସଭା ନିର୍ବାଚନ ମଣ୍ଡଳୀ ତା'ର ସ୍ଥିତି ଆହୁରି ସଂଗୀନ ଅଟେ । ଦେଶର ସର୍ବାଧିକ ଦାଦନ ପ୍ରବଣ ଏ ଅଂଚଳରେ ରାଜ୍ୟର ସର୍ବାଧିକ ଧନୀ ରାଜନୈତିକ ପରିବାରମାନେ ଶାସନ କରୁଛନ୍ତି । ଜନସେବା ଓ ପରିବର୍ତନର ଆହ୍ୱାନ ଦେଇ ରାଜନୀତି କରୁଥିବା ଏହି ପରିବାରମାନେ ବଜାରରେ ଚାଲିଥିବା ସବୁବ୍ୟବସାୟର ମାଲିକାନା ରଖିଛନ୍ତି । ଏମାନଙ୍କ ପାଇଁ ବ୍ୟବସାୟ ଉତରଣର ଏକ ମାଧ୍ୟମ ମାତ୍ର । ଦିଶାହୀନ ଜନତା, ସ୍ଥାଣୁ ବୁଦ୍ଧିଜୀବୀ ଓ ଆତ୍ମପ୍ରଚାର ଓ ସ୍ଥିତି ଖୋଜୁଥିବା ସଂଗଠକମାନଙ୍କ ସୁବିଧାବାଦର ସୁଯୋଗ ନେଇ ଏହି ରାଜନୈତିକ ପରିବାରମାନେ ମୁଷ୍ଟିମେୟ ଚାଟୁକାର ଓ ବ୍ୟବସାୟିକ ଦଲାଲମାନଙ୍କ ମାଧ୍ୟମରେ ରାଜନୈତିକ କ୍ଷମତାକୁ ଦଖଲ କରିବା ସହ ତାଙ୍କର ପରିବାରର ପ୍ରତିପତି ଓ ସମ୍ପତି ବଢ଼ାଇ ଚାଲିଛନ୍ତି । ଫଳତଃ ବଲାଙ୍ଗିରର ଅବସ୍ଥା ରସାତଳକୁ ଯିବାରେ ଲାଗିଛି । ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ରାଜନୀତିକୁ ୩ଟି ପର୍ଯ୍ୟାୟରେ ନିଆଯାଇ ପାରେ ୧୯୫୦ରୁ ୧୯୮୦ ପର୍ଯ୍ୟନ୍ତ ଏକ ପର୍ଯ୍ୟାୟ । ୧୯୫୦ରୁ ୧୯୮୦ ମଧ୍ୟରେ ବଲାଙ୍ଗିର ଜିଲ୍ଲାର ରାଜନୀତି ସଂପୂର୍ଣ୍ଣରୂପେ ପେଲେସ ଦ୍ୱାରା କବଳିତ ଥିଲା । ଅବସ୍ଥା ଏଭଳି ଥିଲା ଯେ, ରାଜ ପରିବାର କର୍ମଚାରୀମାନେ ମଧ୍ୟ ରାଜନେତାର ମର୍ଯ୍ୟାଦା ପାଇ ଯାଉଥିଲେ । ୧୯୮୦ ରୁ ୧୯୮୯-୯୦ ଏହି ଦଶବର୍ଷ କଂଗ୍ରେସ ଶାସନ ଚାଲିଲା । ଏହି ସମୟରେ କିଛି ନିର୍ମାଣ କାର୍ଯ୍ୟ ହୋଇଥିଲେ ମଧ୍ୟ ଦୁର୍ନୀତି ଓ ଗୁଣ୍ଡାମୀର ପ୍ରବଳ ଅଭିଯୋଗ ନେଇ କ୍ରମାଗତ ଭାବରେ ଜନ ଆନ୍ଦୋଳନ ଓ ଛାତ୍ର ଆନ୍ଦୋଳନ ହେବାରୁ ପ୍ରଥମେ ୧୯୮୯ ଲୋକସଭା ନିର୍ବାଚନରେ ଓ ପରେ ବିଧାନସଭା ନିର୍ବାଚନରେ କଂଗ୍ରେସ କ୍ଷମତାଚ୍ୟୁତ ହୋଇଗଲା । ତାପରେ ଆରମ୍ଭ ହେଲା ଏକ ନୂଆ ରାଜନୀତି । ରାଜପରିବାର ସହ ସମତାଳ ଦେଇ ଅନ୍ୟ ରାଜନୈତିକ ପରିବାରମାନେ ମଧ୍ୟ ରାଜନୀତିରେ ଆବିର୍ଭାବ ହେଲେ । ଅବସ୍ଥା ଏଭଳି ହେଲା ଯେ ଏହି ପରିବାରମାନଙ୍କ ପାଇଁ ଦଳ ଆଦର୍ଶ କିମ୍ବା ନୀତିର କିଛି ମର୍ଯ୍ୟାଦା ରହିଲା ନାହିଁ । କ୍ଷମତା ଓ ବ୍ୟବସାୟ ହିଁ ଏମାନଙ୍କ ସର୍ବସ୍ୱ ହୋଇଗଲା । ରାଜନୀତିର ଦୂରାବସ୍ଥା ଏଭଳି ହୋଇଛି ଯେ, କ୍ଷମତା ରାଜନୀତିର ପେଣ୍ଡୁଲମ୍ ଏହି ପରିବାରମାନଙ୍କ ମଧ୍ୟରେ ହିଁ ଦୋହଲୁଛି । ବିଗତ ଦିନରେ ଏ ଅଂଚଳରେ ଦେଖା ଦେଇଥିବା ଜମି ଦୁର୍ନୀତି, ଅପରାଧିକ ଅବସ୍ଥା, ମଦ, ସଟ୍ଟା, ଚାଉଳ ରିସାଇକ୍ଲିଂ ଘଟଣା, ମ୍ୟୁନିସିପାଲିଟି ଦୁର୍ନୀତି, ଟେଣ୍ଡର ଫିକ୍ସିଂଗ୍, ଦାଦନ ବ୍ୟବସାୟ ଯେତେସବୁ ଅପରାଧିକ ଘଟଣାବଳୀର ସୂତା ଏହି ରାଜନୀତିକ ପରିବାରମାନଙ୍କ ଲୁଗାରେ ଲାଗିଛି । ଆଶ୍ଚର୍ଯ୍ୟର କଥା ଏହି ଯେ, ପ୍ରଶାସନ ଓ ସରକାର ମଧ୍ୟ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଏହି ରାଜନୈତିକ ପରିବାରମାନଙ୍କୁ ଘଂଟ ଘୋଡ଼ାଉଛନ୍ତି । ଅବସ୍ଥା ଏଭଳି ଯେ ଅବିଭକ୍ତ ବଲାଙ୍ଗିର ଜିଲ୍ଲାର ସବୁ ପ୍ରମୁଖ ରାଜନୈତିକ ପରିବାର ଗୋଟିଏ ଗୋଟିଏ ଦଳକୁ ଆବୋରି ବସିଛନ୍ତି । ଆଉ ସେହି ଦଳ ସବୁ ତିଆରି କରିଥିବା ସଂଗଠକମାନେ ଆଜି କଣଠେସା । ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ, ନୀତି / ଆଦର୍ଶର କଥା କହୁଥିବା କିଛି ବୁଦ୍ଧିଜୀବୀ ଓ ସମାଜିକ ସଂଗଠକମାନେ ମଧ୍ୟ ଏମାନଙ୍କ ଅପରାଧର ସହଯୋଗୀ ସାଜିଛନ୍ତି । ଏବେ ଏହି ରାଜନୈତିକ ପରିବାରମାନଙ୍କ ମୁଖିଆମାନେ ସମସ୍ତେ ନିଜ ନିଜ ପୁଅ ମାନଙ୍କୁ ଶାସକ ଦଳର ଟିକଟ କରାଇବାରେ ଲାଗିଗଲେଣି । ଏବେ ପ୍ରଶ୍ନ ଉଠୁଛି । ଯଦି ଏଭଳି ଅବସ୍ଥା ହୁଏ ତେବେ ଏ ଅଂଚଳର ସମସ୍ୟା ସବୁ କିଭଳି ଭାବରେ ସମାହିତ ହେବ ଏବଂ ରାଜନୈତିକ ଅଭିପ୍ରାୟ ନେଇ ସଂଗଠନ କରିଥିବା ଦଳୀୟ ସଂଗଠକମାନଙ୍କ ଅବସ୍ଥା କ'ଣ ହେବ । ଏହା କ'ଣ ବହୁ ଅଭୀପ୍ସିତ "ପରିବର୍ତନ' । ତେଣୁ ଆଜି ସମୟ ଆସିଛି ଜନତା ଓ ରାଜନୈତିକ ସଂଗଠକମାନଙ୍କୁ ଜଗିବା ପାଇଁ, ରାଜନୈତିକ ସଂଗଠକମାନେ ଏହି ପରିବାରବାଦୀ ରାଜନେତା ଓ ତାଙ୍କ ପରିବାରର ଗୋଲାମ୍ ହେବା ପରିବର୍ତେନିର୍ବାଚନ ଟିକଟ୍ ଦାବୀଦାର ହୁଅନ୍ତୁ । ଆଉ ସାଧାରଣ ଜନତା କ୍ଷମତାଲିପ୍ସୁ ଏହି ପରିବାରବାଦୀ ରାଜନୈତିକ ନେତାମାନଙ୍କୁ ପରାହତ କରି ସକ୍ଷମ ଓ ସ୍ୱଚ୍ଛ ସଂଗଠକମାନଙ୍କ ଇତିହାସ ଦେଖି ନିର୍ବାଚିତ କରାନ୍ତୁ । ଆଗାମୀ ନିର୍ବାଚନ ପରିବାରବାଦ୍ ବନାମ ସାଧାରଣଜନତା ହେଉ । ନଚେତ୍ ଅଂଚଳ ସର୍ବନାଶ ଆଡ଼କୁ ଗତି କରିବ ।

ବଲାଙ୍ଗୀର ଜିଲ୍ଲା ନାଗରିକ କଲ୍ୟାଣ ମହାସଂଘର ସାଧାରଣ ପରିଷଦ ବୈଠକ

ବଲାଙ୍ଗୀର, ୦୪/୦୬ (ନି.ପ୍ର): ବଲାଙ୍ଗିର ଜିଲ୍ଲା ନାଗରିକ କଲ୍ୟାଣ ମହାସଂଘର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସାଧାରଣ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲଙ୍କ ଆବାହକତ୍ୱ ଓ ସଭାପତି ପ୍ରଭାକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଜିଲ୍ଲାର ନାଗରିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ତଥା ତାର ଆଶୁ ସମାଧାନ ପାଇଁ କଣ ପଦକ୍ଷେପ ନିଆଯିବା ଜରୁରୀ, ସେ ସଂପର୍କରେ ଉପସ୍ଥିତ ସଭ୍ୟମାନଙ୍କ ଠାରୁ ମତାମତ ଗ୍ରହଣ କରାଗଲା । ଏହି କ୍ରମରେ କାର୍ଯ୍ୟକାରୀ ସଭାପତି କପିଳେଶ୍ୱର ଖମାରୀ, ସହ-ସଂପାଦକ ଅଙ୍କୁଶ ପାଣ୍ଡିଆ, ସଭ୍ୟ ଶୁଭ୍ରାଂଶୁ ଶେଖର ପଟେଲ, ପ୍ରକୃତିମିତ୍ର ପୁରସ୍କାର ସମ୍ମାନିତ ସଭ୍ୟ ଦିଗାମ୍ବର ନାଏକ, ଉପଦେଷ୍ଟା ବାସୁଦେବ ମେହେର, ଡ. ପ୍ରମୋଦ କୁମାର ମିଶ୍ର, କୋଷାଧକ୍ଷ ଅଶୋକ ଚାନ୍ଦ, ସଭ୍ୟା ଶ୍ରାବଣୀ ମେହେର, ବିଷ୍ଣୁପ୍ରୀୟା ପାଣି, ମିସ୍ ଇଶିକା ଦାସ, ରୋଜିସ୍ମିତା ହୋତା, ସଭ୍ୟ ବିବେକା ନନ୍ଦ ପଟେଲ ପ୍ରମୁଖ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ ସହ ସମସ୍ୟା ଗୁଡିକା ଉତ୍କଟତାକୁ ବର୍ଣ୍ଣନା କରି ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ମହାସଂଘ ଏ ଦିଗରେ ସମୁଚିତ ପଦକ୍ଷେପ ନେବା ରେ ବଦ୍ଧ ପରିକର ହେବାକୁ ପରାମର୍ଶ ଦେଇଥିଲେ ଓ ଏଥି ପାଇଁ ସମସ୍ତ ସଭ୍ୟ ପୂର୍ଣ୍ଣପ୍ରାଣରେ ସହଯୋଗ କରିବେ ବେଲୀ କହିଥିଲେ । ମୁଖ୍ୟ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ ନିଜ ବିବୃତିରେ କହିଲେ ଯେ ପରୋପକାରୀ ନିକଟରେ ଯେଉଁ ଶ୍ରଦ୍ଧା, ଆତ୍ମିୟତା, ଉତ୍ସାହ ଓ ନିଷ୍କପଟତା ଗୁଣ ଥାଏ ତାହା ସମଜର ମଙ୍ଗଳ ପାଇଁ ବିନିଯୋଗ ହୁଏ ଏବଂ ଏହି ଦୃଷ୍ଟିରୁ ବିଚାର କଲେ ଆଜି ଯୁବ ଶକ୍ତି ଓ ନାରୀ ଶକ୍ତି ଭିତରେ ବହୁ ଭାବରେ ଏହି ଗୁଣ ଗୁଡିକ ପରିଲକ୍ଷିତ ହେଉଛି । ତେଣୁ ସେମାନଙ୍କ ସହଯୋଗରେ ନାଗରିକ କଲ୍ୟାଣ ମହାସଂଘ ନିଶ୍ଚୟ ନିଜର ମହତ୍ତର ଉଦ୍ଦେଶ୍ୟକୁ ସଫଳ କରିପାରିବ । ବୈଠକରେ ଉପସ୍ଥିତ ଥିଲେ ଶ୍ରୀତିକା ଅଗ୍ରୱାଲ, ସୁଷମା ବହିଦାର, ବୈଶାଳୀ ବହିଦାର, ବବିତା ନାଗ ଓ ସଂଘର ବହୁ ବରିଷ୍ଠ ସଭ୍ୟ । ଶେଷରେ ଅଙ୍କୁଶ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ ।

ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରରେ କାର୍ଯ୍ୟାଳୟ ସହାୟକ ପ୍ରଶିକ୍ଷଣ ଉଦ୍‌ଯାପିତ

ଚମ୍ପୁଆ, ୦୪/୦୬ (ନି.ପ୍ର): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଆଜି ତିନି ଦିବସୀୟ କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ସହାୟକ ପ୍ରଶିକ୍ଷଣ ଉଦଯାପିତ ହୋଇଯାଇଅଛି । ଏହି ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଉତର ସମ୍ବାଗ ସମ୍ପାଦକ ଗଙ୍ଗାଧର କର ଯୋଗଦେଇ କାର୍ଯ୍ୟଳୟ ସହାୟକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ବିଭାଗ ସହ ନିରୀକ୍ଷକ ଜ୍ଞାନ ରଞ୍ଜନ ପାଢ଼ୀ ଯୋଗଦେଇ ପ୍ରଶିକ୍ଷଣର ବିବରଣୀ ପଠନ କରିଥିଲେ । ପ୍ରଶିକ୍ଷକ ଭାବେ କେନ୍ଦୁଝର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କାର୍ଯ୍ୟାଳୟ ପ୍ରମୁଖ ମୁକେଶ ବିଶ୍ୱକର୍ମା ଓ ଚମ୍ପୁଆର ଅଜିତ କୁମାର ମହାନ୍ତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ସରୋଜ କୁମାର ପାତ୍ର ମଂଚ ପରିଚାଳନା କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ସମ୍ପାଦକ ଭୋଳାନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଶିବିରରେ ମୋଟ ୪୫ ଜଣ ପ୍ରଶିକ୍ଷର୍ଥୀ ଯୋଗ ଦେଇଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମ, ସେବକ ସେବିକା ଏଥିରେ ସହଯୋଗ କରିଥିଲେ ।

ଫପସି ଭିଆଇପି ଛକରୁ ୬ କ୍ୱିଂଟାଲ ୩୦ କେଜି ଗଞ୍ଜେଇ ଜବତ କଲା ଅବକାରୀ ବିଭାଗ : ଜଣେ ଗିରଫ

ବଲାଙ୍ଗିର, ୦୪/୦୬ (ନି.ପ୍ର): ଗତକାଲି ୬୩ ଲକ୍ଷ ଟଙ୍କାର ୬ କ୍ୱିଂଟାଲ ୩୦ କେଜି ଗଞ୍ଜେଇ କାରବାର ଧରିବାକୁ ବଲାଙ୍ଗିର ଅବକାରୀ ବିଭାଗ ସଫଳ ହୋଇଛି । ବଲାଙ୍ଗିର ଅବକାରୀ ବିଭାଗ ଅଧ୍ୟକ୍ଷଙ୍କ ସୂଚନା ମୁତାବକ, ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ । ବଲାଙ୍ଗିର ଜିଲ୍ଲା ଦେଇ ଅନେକ ସମୟରେ ଗଞ୍ଜେଇ ଚୋରାଚାଲାଣ କରାଯାଉ ଥିବା ଦେଖାଯାଉଛି । ବୌଦ୍ଧ, ଫୁଲବାଣୀ ଓ କଳାହାଣ୍ଡି ଜିଲ୍ଲାରୁ ବଲାଙ୍ଗିର ଜିଲ୍ଲାର ଟିଟିଲାଗଡ, ତୁଷୁରା ଓ ବଲାଙ୍ଗିର ସହର ଦେଇ ବାହାର ରାଜ୍ୟକୁ ବିପୁଳ ପରିମାଣରେ ଗଞ୍ଜେଇ ଚୋରାଚାଲାଣ କରାଯାଉଛି । ଅବକାରୀ ବିଭାଗ ଓ ପୋଲିସ ବିଭାଗ ବିଭିନ୍ନ ସମୟରେ ଚଢଉ କରି ଗଞ୍ଜେଇ ଚୋରାଚାଲାଣକୁ ରୋକିବାକୁ ଚେଷ୍ଟା ଚଳାଇଛି । ଗତକାଲି ସଂଧ୍ୟାରେ କୌଣସି ଏକ ସୂତ୍ରରୁ ସୂଚନା ପାଇ ବଲାଙ୍ଗିର ଅବକାରୀ ଅଧ୍ୟକ୍ଷ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶରେ ଟିଟିଲାଗଡ ଓ ବଙ୍ଗୋମୁଣ୍ଡା ଅବକାରୀ ବିଭାଗର ଅଧିକାରୀଙ୍କ ଏକ ଟିମ୍ ଫପସି ଭିଆଇପି ଛକର ସନ୍ତୋଷ ଜେନାଙ୍କ ପୁଅ ଘନଶ୍ୟାମ ଜେନାଙ୍କ ଘରେ ଚଢଉ କରିଥିଲେ । ଏକ ପରିତ୍ୟକ୍ତ ଘରୁ ବିଭିନ୍ନ କବାଡି ଜିନିଷ ଭିତରେ ବିପୁଳ ପରିମାଣର ଗଞ୍ଜେଇ ପ୍ୟାକେଟ ଥିବା ଦେଖି ବିଭାଗ କର୍ମଚାରୀ ଏହାକୁ ଜବତ କରିଥିଲେ । ଜବତ ପ୍ୟାକେଟରେ ୧ କ୍ୱିଂଟାଲରୁ ଅଧିକ ଗଞ୍ଜାଇ ଥିବାର ଅନୁମାନ କରାଯାଉଛି । ଆଜି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ମପା ଗଲା ପରେ ଏହା ୬ କ୍ୱିଂଟାଲ ୩୦ କିଲୋ ଯାହାର ମୂଲ୍ୟ ୬୩ ଲକ୍ଷ ହେବ ବୋଲି ଅବକାରୀ ବିଭାଗ ଅଧିକ୍ଷକ ଶ୍ରୀ ମୁଦୁଲି କହିଛନ୍ତି । ଏହି ଗଞ୍ଜେଇ ରଖିଥିବା ଅଭିଯୋଗରେ ଘନଶ୍ୟାମ ଜେନାଙ୍କୁ ଅବକାରୀ ବିଭାଗ ଗିରଫ କରିଛି । ଏହି ଚଢଉରେ ଟିଟିଲାଗଡ ଅବକାରୀ ଇନ୍ସପେକ୍ଟର ଆଶିଷ ବେହେରା, ବଙ୍ଗୋମୁଣ୍ଡା ଏସଆଇ ସୁମିତ ସାହୁ, ଏଏସଆଇ ସମୀର ରଂଜନ ଭୋଇ, ସିପାହୀ କୁମୁଦିନୀ ମଲ୍ଲିକ, ଲଳିତା ଭୋଇ, ସୁନୀଳ ବଢେଇ, ଆଶିଷ ବାଗ, ଗଗନ ବିହାରୀ ମିଶ୍ର, ଚନ୍ଦନ କୁମାର ପଟେଲ ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ଥିଲେ । ଆଜି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି ।

ଅସୁରେଶ୍ୱରରେ ଫାଣ୍ଡି ଖୋଲିବା ପାଇଁ ଅହେତୁକ ବିଳମ୍ବ : ଆଇଜିପିଙ୍କୁ ଭେଟିଲେ ବାସିନ୍ଦା

ସାଲେପୁର, ୦୪/୦୬ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ଠାରେ ଏକ ନୂତନ ଫାଣ୍ଡି ଖୋଲିବା ପାଇଁ ୨୦୨୧ ମସିହାରେ ପୋଲିସ ବିଭାଗର ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ସ୍ଥାନୀୟ ଅଂଚଳ ବାସିନ୍ଦା ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ । ଇତି ମଧ୍ୟରେ ୨୮ମାସ ବିତିଯାଇଥିଲେ ମଧ୍ୟ ଫାଣ୍ଡି ଖୋଲିବା ପାଇଁ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ । ଫଳରେ ଦିନକୁ ଦିନ ଏ ଅଂଚଳରେ ଅପରାଧ ବଢିବାରେ ଲାଗିଥିବାରୁ ଜନସାଧାରଣରେ ଧନଜୀବନ ଓ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି । ଏଠାରେ କିଭଳି ଯଥାଶୀଘ୍ର ଏକ ଫାଣ୍ଡି ପ୍ରତିଷ୍ଠା କରାଯିବ ସେ ନେଇ ସ୍ଥାନୀୟ ଅଂଚଳର ବାସିନ୍ଦା ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କ ନିକଟରେ ଆବେଦନ କରିଥିଲା ବେଳେ କଟକସ୍ଥିତ ଆରକ୍ଷୀ ମହାନିରୀକ୍ଷକ (ଆଇ.ଜି.ପି.)ଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ସାକ୍ଷାତ କରି ପୁନର୍ବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ବ୍ଲକ ମଧ୍ୟରେ ଅସୁରେଶ୍ୱର ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ଏହାର ଚତୁର୍ପାର୍ଶ୍ୱରେ ଥିବା କଟିକଟା, କେଂଟାଳୋ, ତରତ, କେରିଲୋ, ଜମରା ଆଦି ପଂଚାୟତର ଲୋକମାନଙ୍କର ସୁବିଧା ଅସୁବିଧା ନିମନ୍ତେ ଏହା ଉପରେ ନିର୍ଭର କରିଥାଆନ୍ତି । ଅସୁରେଶ୍ୱର ଠାରେ ଏକ ବହୁ ପୁରାତନ ସରକାରୀ ହାଇସ୍କୁଲ, ଉପଡାକଘର, କଲେଜ, ବ୍ୟାଙ୍କ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଜଳସେଚନ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସର୍ବୋପରି ଦୁଇଟି ପ୍ରସିଦ୍ଧ ଧର୍ମପୀଠ ଦଧିବାମନଜୀଉ ମନ୍ଦିର ଓ ରଘୁନାଥଜୀଉ ମନ୍ଦିର ଏବଂ ଏକ ମସଜିଦ୍ ଅବସ୍ଥିତ । ଏହାଛଡା ଏଠାରେ ଥିବା ବଜାରରେ ୩୦୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲା ବେଳେ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଲୋକ ଏଠାରେ ଚଳପ୍ରଚଳ ହୋଇଥାଆନ୍ତି । ଏହା ଯଦିଓ ନିଶ୍ଚିନ୍ତକୋଇଲି ଥାନା ଅଧିନରେ ରହିଛି ତଥାପି ଥାନାଠାରୁ ଏହାର ଦୂରତା ୧୧ କି.ମି.ରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି । ଏଠାରେ ଯଦି କୌଣସି ଅପ୍ରିତିକର ଘଟଣା ସୃଷ୍ଟି ହୁଏ ତାହାହେଲେ ପୋଲିସ ବହୁ ବିଳମ୍ବରେ ଏଠାରେ ପହଂଚୁଥିବାରୁ ଘଟଣାକୁ ଆୟତ କରିବା ସମ୍ଭବପର ହୁଏନାହିଁ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଅତୀତରେ ଏଠାରେ ଗୁଳିକାଣ୍ଡ, ବୋମା ବିସ୍ଫୋରଣ, ଦୋକାନ ଓ ଅଫିସ ପୋଡି, ଲୁଟ୍, ଚୋରୀ, ଛିନ୍ତାଇ ଭଳି ଘଟଣା ଘଟିଥିଲା ବେଳେ ଚୋରାରେ ବ୍ୟାପକ ନିଶାଦ୍ରବ୍ୟ କାରବାର ମଧ୍ୟ ଚାଲିଛି । ଏହାଛଡା ପ୍ରତ୍ୟେକ ଦିନ ଦୁଇଟି ପ୍ରସିଦ୍ଧ ଧର୍ମପୀଠକୁ ବହୁ ମାନସିକଧାରୀ ଭକ୍ତମାନେ ଆସି ପୂଜାର୍ଚ୍ଚନା କରୁଥିଲେ ମଧ୍ୟ ବିଭିନ୍ନ ସମୟରେ ବିଶୃଙ୍ଖଳିତ ପରିସ୍ଥିତି ଉପୁଜୁଛି । ଏଭଳି ଅପରାଧିକ କାର୍ଯ୍ୟକୁ ଆୟତ କରିବା ପାଇଁ ୨୦୧୮ ମସିହାରୁ ଏଠାରେ ଦୁଇ ଜଣ କନେଷ୍ଟବଳଙ୍କୁ ମଧ୍ୟ କାର୍ଯ୍ୟ କରିବା ପାଇଁ ଦାୟିତ୍ୱ

ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସମ୍ପାଦକ ହେଲେ ରବୀନ୍ଦ୍ର ବେରା

ବାଲେଶ୍ୱର, ୪/୦୬ (ନି.ପ୍ର): ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ପରିବର୍ଦ୍ଧିତ କାର୍ଯ୍ୟକାରୀ ବୈଠକ ବରିଷ୍ଠ ସଦସ୍ୟ ଯୋଗେଶ ଚନ୍ଦ୍ର ଅଗସ୍ତିଙ୍କ ଅଧ୍ୟକ୍ଷତାରେ ବାଲିଆସ୍ଥିତ ସଂଘ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର, ମୟୁରଭଞ୍ଜ, କେଉଁଝର, ଭଦ୍ରକ ଓ ଯାଜପୁର ଜିଲାର ବହୁ କାର୍ଯ୍ୟକର୍ତ୍ତା ଏଥିରେ ଉପସ୍ଥିତ ଥିଲେ। ସଂଘର ସାଧାରଣ ସଂପାଦକ ତାରାକାନ୍ତ ପଟ୍ଟନାୟକଙ୍କ ଦେହାନ୍ତ ପରେ ନୂତନ ସାଧାରଣ ସଂପାଦକଙ୍କୁ ମନୋନୟନ ପାଇଁ ଏହି ବୈଠକରେ ପ୍ରସ୍ତାବ ଆଗତ ହୋଇଥିଲଶ। ଦୀର୍ଘ ଆଲୋଚନା ଓ ବିଚାରବିମର୍ଷ ପରେ ସର୍ବସମ୍ମତି କ୍ରମେ ରବୀନ୍ଦ୍ର ନାଥ ବେରାଙ୍କୁ ସାଧାରଣ ସଂପାଦକ ଭାବେ ମନୋନୀତ କରାଯାଇଥିଲା। ଟିପିଏଓଡିଏଲ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ନେବାପରେ ବିଦ୍ୟୁତ ସଂସ୍ଥାରେ ଦୀର୍ଘବର୍ଷ କାର୍ଯ୍ୟ କରିଆସୁଥିବା କର୍ମଚାରୀଙ୍କ ଦାବିପ୍ରତି ସୁବିଚାର କରୁନଥିବା ନେଇ କେତେକ ସଦସ୍ୟ ଏହି ବୈଠକରେ ଅଭିଯୋଗ ଉଠାଇଥିଲେ। ଗ୍ରାହକଙ୍କୁ ନିରନ୍ତର ସେବା ପ୍ରଦାନ ଜାରି ରଖିଥିବା ବିଦ୍ୟୁତ କର୍ମଚାରୀଙ୍କ ଏକତାକୁ ଖର୍ବ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଏକ ସାମୂହିକ ବଦଳି ଆଦେଶ କରୁଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏହା ବିରୋଧରେ ଲିଖିତ ଭାବେ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ସଂପର୍କରେ ସଂଘର ସଭାପତି ଶ୍ରୀ ବେହେରା ଜଣାଇଥିଲେ। କର୍ତ୍ତୃପକ୍ଷ ସଂଘର ଏହି ଚିଠି ଉପରେ ଗୁରୁତ୍ୱ ଦେଇ ପ୍ରସ୍ତାବିତ ସାମୂହିକ ବଦଳି ଆଦେଶ ପ୍ରତ୍ୟାହାର କରିବେ ବୋଲି ସମସ୍ତେ ଆଶା ପ୍ରକାଶ କରିଥିଲେ। ନତୁବା ଆଗାମୀ ଦିନରେ ସଂଘ ବ୍ୟାପକ ଆନ୍ଦୋଳନକୁ ଯିବାକୁ ବାଧ୍ୟ ହେବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନୂତନ ଭାବେ ଦାୟିତ୍ୱ ନେଇଥିବା ସାଧାରଣ ସଂପାଦକଙ୍କୁ ସୁପରାମର୍ଶ ଦେବା ନିମନ୍ତେ ବରିଷ୍ଠ କର୍ମଚାରୀଙ୍କୁ ନେଇ ଏକ ଷ୍ଟିଅରିଂ କମିଟି ଏହି ଅବସାରରେ ଗଠନ କରାଯାଇଛି। ନବନିର୍ବାଚିତ ସାଧାରଣ ସଂପାଦକ ଶ୍ରୀ ବେରା ସଂଘ ପରିଚାଳନାରେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ଆର୍ତ୍ତବନ୍ଧୁ ବିଶ୍ୱାଳ, ଦୁଲାଲ ରାୟ, ସଞ୍ଜୟ ବାରିକ, ଗୋଲକ ଚନ୍ଦ୍ର ସାମଲ, ଅଞ୍ଜନ ମହାପାତ୍ର, ସପନ ଦାସ, ଦେବାଶିଷ ପଣ୍ଡା, ଶଶାଙ୍କ ଶେଖର ବେହେରା, ଇଂ ସୁରେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ। ବୃନ୍ଦାବନ ଚନ୍ଦ୍ର ମହାନ୍ତି, ଭରତ ଚନ୍ଦ୍ର ସେଠୀ, ଅରୁଣ ସିଂହ ପ୍ରଶାନ୍ତ ମହାନ୍ତି, ନିଗମାନନ୍ଦ ରାଉତ, ମୁକ୍ତିକାନ୍ତ ପଣ୍ଡା, ଘନଶ୍ୟାମ ରାଉତ, ଜ୍ୟୋତିକୃଷ୍ଣ ବେହେରା, ଚନ୍ଦନ ମହାନ୍ତି, ଜ୍ୟୋତିକୃଷ୍ଣ ବିଶ୍ୱାଳ, ଦୀପ୍ତିକାନ୍ତ ଭୂୟାଁ ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଉପ-ସଭାପତି ଅକ୍ଷୟ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଦେବକୁଣ୍ଡରେ ମେଡ଼ିକାଲ ଛାତ୍ରଙ୍କ ମୃତ୍ୟୁ

ଉଦଳା, ୪/୦୬ (ନି.ପ୍ର): ଆଜି ଦେବସ୍ନାନ ପୂର୍ଣ୍ଣିମା ଦିନ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମେଡ଼ିକାଲ କଲେଜର ତୃତୀୟ ବର୍ଷର ଛାତ୍ର ଲିପେନ ସାହୁ(୧୮) ତାଙ୍କର ୭ ଜଣ ସାଙ୍ଗଙ୍କ ସହିତ ଦେବକୁଣ୍ଡ ବୁଲିବାକୁ ଆସିଥିଲେ । ଜଳପ୍ରପାତରେ ଗାଧୋଉଥିବା ସମୟରେ ଲିପେନଙ୍କ ଗୋଡ଼ ଖସିଯିବା ଯୋଗୁଁ ସେ ଜଳପ୍ରପାତରେ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ଓ ସାଙ୍ଗ ମାନେ ତାଙ୍କୁ ଉଦ୍ଧାର କରି ଶ୍ରୀଦାମଚନ୍ଦ୍ରପୁର ଡ଼ାକ୍ତରଖାନାକୁ ଆଣିଥିଲେ କିନ୍ତୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଉଦଳା ପୋଲିସ ଡ଼ାକ୍ତରଖାନାରେ ପହଂଚି ମୃତ ଦେହ ଜବଦ କରି ତଦନ୍ତ ଚଳାଇଛି। ଲିପେନଙ୍କ ଘର ବ୍ରହ୍ମପୁର ଥାନା ଅନ୍ତର୍ଗତ ଗଳନ୍ଧରା ଅଚଂଳର ବୋଲି ଜଣାଯାଇଛି ।

ବେଆଇନ ମୂଲ୍ୟବାନ ଧଳା କ୍ୱାର୍ଟଜ୍ ପଥର ଖନନ ରୋକିବାକୁ ଗ୍ରାମ କମିଟି ଗଠନ

ମାଲକାନଗିରି, ୪/୦୬ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ଖଣିଜ ସମ୍ପଦରେ ଭରପୁର ମାଲକାନଗିରି ଜିଲ୍ଲାର ପଡିଆ ଅଂଚଳର ନିଲିଗୁଡା, ମୋଟୁ ଅଂଚଳର କାଟନପଲ୍ଲୀ, କୁନାନପାଲି ଓ ତାଣ୍ଡବାଇ, କାଲିମେଳା ଅଂଚଳର ମାନ୍ୟମକୋଣ୍ଡା ଏବଂ ବାଲିମେଳା ଅଂଚଳରେ ମୂଲ୍ୟବାନ ଧଳା କ୍ୱାର୍ଟଜ୍ ପଥର ଖାଦାନରେ ଗଚ୍ଛିତ ରହିଥିବା ଜଣାପଡିଛି । ଏସବୁ ଉପରେ ଖଣି ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଥିବାରୁ ବିଗତ ୪ ବର୍ଷ ମଧ୍ୟରେ ତଥା ବିଭିନ୍ନ ସମୟରେ ବିନା ଲିଜରେ ଖନନ କରି ଅନ୍ୟତ୍ର ଚୋରା ଚାଲାଣ କରିଥିବା ନଜିର ରହିଛି । ଏପରି ବେନିୟମ ଖନନକୁ ବିଭିନ୍ନ ମହଲରେ ଅଭିଯୋଗ ହେବାରୁ ଖନନ କାର୍ଯ୍ୟ ବନ୍ଦ ରହିଥିଲା। ପୁଣି କିଛି ଦିନର ନୀରବତା ପରେ ଖଣି ବ୍ୟବସାୟୀମାନେ ମାଲକାନଗିରି ଜିଲ୍ଲାରେ ଆସି ଚଳପ୍ରଚଳ ହେଉଥିବା ଜଣାପଡିଛି । ମୋଟୁ ତହସିଲ ଅନ୍ତର୍ଗତ କାଟନପାଲ୍ଲୀ ଠାରେ ଥିବା ଏହି ଖାଦାନକୁ ଷ୍ଟିଲ ଓ ମାଇନ୍ସ ବିଭାଗର ଅଜଣାତରେ ପଡୋଶୀ ଆନ୍ଧ୍ରର ଜଣେ ବ୍ୟବସାୟୀ ଖନନ କରି ପୂର୍ବରୁ ଚାଲାଣ କରିଥିଲା । ଅଭିଯୋଗ ହେବାରୁ ସେହି ସମୟରେ ମୋଟୁ ତହସିଲ ପକ୍ଷରୁ ଖାଦାନ ସ୍ଥଳରେ ନାଲି କପଡା ଲଗାଇ ଖନନ ବନ୍ଦ କରିଥିଲେ । ସେହିପରି ଚାଲାଣ ବେଳେ କାଲିମେଳା ତହସିଲ ପକ୍ଷରୁ ଜବତ କରି ତହସିଲ କାର୍ଯ୍ୟାଳୟ ପରିସରରେ ଧଳା କ୍ୱାର୍ଟଜ୍ ପଥର ରଖାଯାଇଛି । ଏହି ଧଳା ପଥର ୯୯.୪ ପ୍ରତିଶତ ଗୁଣବତା ଥିବାରୁ ଏହାର ବଜାର ମୂଲ୍ୟ ଢେର୍ ଅଧିକ ରହିଥିବା ବେଳେ ଟନ୍ ଟନ୍ ପଥର ଚୋରା ଚାଲାଣ ହୋଇସାରିଛି ଏବଂ କିଛି ପଥର ଖାଦାନ ସ୍ଥଳରେ ପଡ଼ି ରହିଛି । ତେବେ ଗତ ଏକ ସପ୍ତାହ ହେବ ଆନ୍ଧ୍ରର ଜଣେ ଖଣି ବ୍ୟବସାୟୀ କାଟନପାଲି ଠାରେ ପୁଣି ଖନନ ଆରମ୍ଭ କରିଥିବା ଜଣାପଡିଛି । ଏ ସଂକ୍ରାନ୍ତରେ ଚଳିତ ମାସ ୨ ତାରିଖରେ ଦଳିତ - ଆଦିବାସୀ ସୁରକ୍ଷା ମଂଚ ଓଡ଼ିଶା ପକ୍ଷରୁ ସଭାପତି ହାରାନ ମଣ୍ଡଳ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ତା ସହିତ ଷ୍ଟିଲ ଓ ମାଇନ୍ସ ବିଭାଗ କୋରାପୁଟ ଓ ଭୁବନେଶ୍ୱର, ବନ ବିଭାଗ, ରାଜସ୍ୱ ବିଭାଗକୁ ମଧ୍ୟ ଅଭିଯୋଗ କରିଥିବା ଜଣାପଡିଛି । ଏବଂ ବେଆଇନ ଖଣି ଲୁଟ୍ ରୋକିବାକୁ ସଂପୃକ୍ତ ଗ୍ରାମପଂଚାୟତ ଅନ୍ତର୍ଗତ କାଟାନପାଲ୍ଲି ଗ୍ରାମରେ ଏକ ବୈଠକ କରି କମିଟି ଗଠନ କରିଥିବା ଜଣାପଡିଛି।

ବାଲିଗୋହିରି ବିଶେଶ୍ୱର ମହାଦେବ କମିଟି ପୁନର୍ଗଠିତ: ଶରତ ଦାସ ସଭାପତି ନିର୍ବାଚିତ

ନୀଳଗିରି , ୪/୦୬ (ନି.ପ୍ର): ନୀଳଗିରି ଏନ.ଏ.ସି ବାଲିଗୋହିରି ସ୍ଥିତ ବାବା ବିଶ୍ୱେଶ୍ୱର ମହାଦେବ କମିଟି ପୁନର୍ଗଠିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ବୈଠକରେ ନୂତନ ଭାବେ ସମାଜସେବୀ ଶରତ ଦାସ ସଭାପତି ଭାବେ ସର୍ବସମ୍ମତି ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ପୁନର୍ବାର ରବିନାରାୟଣ ମହାପାତ୍ର, ଉପସଭାପତି ଅବିନାଶ ରାଉତ, ସହ ସମ୍ପାଦକ ପ୍ରଭାତ କୁମାର ଦାସ, କାର୍ଯ୍ୟକାରୀ ସଭାପତି ଧର୍ମେନ୍ଦ୍ର ମହାପାତ୍ର, କୋଷାଧକ୍ଷ ମିହିର କୁମାର ପ୍ରଧାନ ସର୍ବସମ୍ମତି ନିର୍ବାଚିତ ହୋଇଥିବା ବେଳେ ଉପଦେଷ୍ଟା ଭାବେ ଚିତ୍ତରଞ୍ଜନ ସାହୁ, ଅମୀୟ ମହାପାତ୍ର, ହେମେନ୍ଦ୍ର ସେଠି, ସତ୍ୟନାରାୟଣ ମହାପାତ୍ର, କପିଳେନ୍ଦ୍ର ମହାପାତ୍ର, ରଜନୀ ପଣ୍ଡା, ଅସିତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ରେଳ ଦୁର୍ଘଟଣାରେ.....

ସେମାନଙ୍କର ସ୍ୱତନ୍ତ୍ର ଚିକିତ୍ସାର ଆବଶ୍ୟକତା ରହିଛି। ରେଳ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ସ୍ୱତନ୍ତ୍ର ଚିକିତ୍ସାର ଆବଶ୍ୟକତା ରହିଛି। ଏଥିପାଇଁ ଦିଲ୍ଲୀ ଏମ୍ସର ନେତୃତ୍ୱରେ ଜଗଖ ହସପିଟାଲ ଓ **Lady Hardinge Medical Collegee** ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଏକ ଟିମ୍? ଠନ କରାଯାଇଛି। ଏହି ସ୍ୱତନ୍ତ୍ର ଡାକ୍ତରୀ ଦଳ ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ଏମ୍ସ ଆସିଛନ୍ତି। ଏହି ସ୍ୱତନ୍ତ୍ର ଡାକ୍ତରୀ ଦଳ ନିଜ ସାଙ୍ଗରେ ଅତ୍ୟାଧୁନିକ ଯନ୍ତ୍ରପାତି ଧରି ଆସିଛନ୍ତି, ଯାହା ଅପରେସନ ଓ ଚିକିତ୍ସାରେ ବ୍ୟବହାର କରାଯିବ। ଏହାସହ ସେମାନେ ପର୍ଯ୍ୟାପ୍ତ ପରିମାଣର ମେଡିସିନ୍ ଧରି ମଧ୍ୟ ଆସିଛନ୍ତି। ମାଣ୍ଡବୀୟ କହିଛନ୍ତି, କେଉଁ କେଉଁ ହସପିଟାଲରେ ଆହତଙ୍କ ଚିକିତ୍ସା ଚାଲିଛି, ତାର ସମୀକ୍ଷା କରାଯାଇଛି। ଚିକିତ୍ସିତ ହେଉଥିବା ଆହତଙ୍କୁ କେଉଁ ପ୍ରକାରର ଚିକିତ୍ସା ଆବଶ୍ୟକ ରହିଛି, କେଉଁ ବିଶେଷଜ୍ଞ ଡାକ୍ତର କେଉଁ ମେଡିକାଲ ଯିବେ ସେନେଇ ଆମେ ଏକ ପ୍ଲାନ ପ୍ରସ୍ତୁତ କରିଛୁ। ବିଶେଷଜ୍ଞ ଡାକ୍ତର ଦଳ ସେହି ମେଡିକାଲରେ ପହଞ୍ଚି ଆହତଙ୍କ ଉପଯୁକ୍ତ ଚିକିତ୍ସା କରିବେ। ଫଳରେ ଅନେକ ଲୋକ ଜୀବନ ବଞ୍ଚିଯିବ।

ଦୁର୍ଘଟଣାର ସିବିଆଇ....

କଟକ, ବାଲେଶ୍ୱର ଓ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯାତ୍ରୀମାନଙ୍କୁ ଭେଟିଛି। ଆହତଙ୍କୁ ଭଲ ଚିକିତ୍ସା ଦିଆଯାଉଛି। ଦେଶବ୍ୟାପି ଯେଉଁଠାରୁ ଯାତ୍ରୀମାନେ ଆସିଥିଲେ, ସେମାନଙ୍କର ପରିବାର ସହିତ ରେଳବାଇ ଓ ସରକାର ସଂପର୍କରେ ଅଛନ୍ତି। ଏହା ପୂର୍ବରୁ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ବାହାନଗାରେ ଏକ୍ସପ୍ରେସ୍ ଟ୍ରେନ୍ ଦୁର୍ଘଟଣାରେ ଆମେ ଯେଉଁମାନଙ୍କୁ ହରାଇଛେ, ସେମାନଙ୍କୁ ଆଉ ପାଇପାରିବା ନାହିଁ। ସରକାରଙ୍କ ପାଇଁ ଏହି ଘଟଣା ଗମ୍ଭୀର ତଥା ସମ୍ବେଦନଶୀଳ। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ଭୟଙ୍କର ଦୁର୍ଘଟଣା ପାଇଁ ଯେଉଁମାନେ ଦୋଷୀ ପ୍ରମାଣିତ ହେବେ, ସମୋନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାହାନଗାରେ ଦୁର୍ଘଟଣାସ୍ଥଳ ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଥିଲେ।

ମୃତକଙ୍କ ପରିବାରକୁ ...

ଦୁର୍ଘଟଣାର ଶିକାର ହୋଇପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ୫ ଲକ୍ଷ ଟଙ୍କା ଏବଂ ଗୁରୁତର ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଦିଆଯିବ। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମଧ୍ୟ ତାଙ୍କର ଗଭୀର ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସୂଚନାଯୋଗ୍ୟ, ଗତକାଲି ବାହାନଗା ଟ୍ରେନ ଦୁର୍ଘଟଣାରେ ମୃତକ, ଆହତ ଓ ପୀଡ଼ିତଙ୍କ ଲାଗି ସହାୟତା ରାଶି ଘୋଷଣା କରିଥିଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ରାଜ୍ୟର ପ୍ରତି ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ପଶ୍ଚିମବଙ୍ଗ ସରକାର ୫ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଥିଲେ। ଏହାଛଡ଼ା ପ୍ରତ୍ୟେକ ଆହତଙ୍କ ପାଇଁ ୧ ଲକ୍ଷ ଟଙ୍କା ଏବଂ ରାଜ୍ୟର ପୀଡ଼ିତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଥିଲେ।

ବାହାନଗା ରେଳ....

ଅଭିଭାବକମାନଙ୍କ ପିଲାମାନଙ୍କ ସ୍କୁଲ ପାଠପଢ଼ା ଖର୍ଚ୍ଚ ଆଦାନୀ ଗ୍ରୁପ୍ ବହନ କରିବ । ଏହି ଦୁର୍ଘଟଣାର ପୀଡ଼ିତ ଓ ସେମାନଙ୍କ ପରିବାର ପ୍ରତି ସମର୍ଥନ ଜଣାଇବା ଓ ପିଲାମାନଙ୍କୁ ଉତ୍ତମ ଭବିଷ୍ୟତ ପ୍ରଦାନ କରିବା ଆମ ସମସ୍ତଙ୍କ ମିଳିତ ଦାୟିତ୍ୱ । ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ନିଜ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କୁ ମାଗଣାରେ ପାଠ ପଢ଼ାଇବା ସହ ଶିକ୍ଷା ଖର୍ଚ୍ଚକୁ ସେ ବହନ କରିବେ ବୋଲି ଆଦାନୀ କହିଛନ୍ତି ।

ବିନା ଟିକେଟରେ...

ମୃତକଙ୍କ ସମ୍ପର୍କୀୟଙ୍କୁ ୧୦ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୨ ଲକ୍ଷ ଟଙ୍କା ଏବଂ ସାଧାରଣ ଆହତଙ୍କୁ ୫୦ ହଜାର ଟଙ୍କା ଦିଆଯିବ । ଏବେ ଆପଣଙ୍କ ମନରେ ପ୍ରଶ୍ନ ଉଠୁଥିବ ଯେ ଯଦି ଜଣେ ଯାତ୍ରୀ ବିନା ଟିକେଟରେ ଯାତ୍ରା କରୁଥିବେ ତାଙ୍କୁ କ୍ଷତିପୂରଣ ରାଶି ମିଳିବ କି ? ଆଉ ରେଳ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି ଯେ ଯେଉଁମାନେ ବିନା ଟିକେଟରେ ଯାତ୍ରା କରୁଥିଲେ ଓ ଦୁର୍ଘଟଣାର ଶିକାର ହୋଇଛନ୍ତି, ସେମାନଙ୍କୁ ମଧ୍ୟ କ୍ଷତିପୂରଣ ଦିଆଯିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହା କରାଯିବ ବୋଲି ଅଧିକାରୀମାନେ କହିଛନ୍ତି। ରେଳ ମୁଖପାତ୍ର ଅମିତାଭ ଶର୍ମା କହିଛନ୍ତି ଯେ ଯାତ୍ରୀଙ୍କ ଟିକେଟ୍ ଥାଉ କି ନଥାଉ, ସେମାନଙ୍କୁ କ୍ଷତିପୂରଣ ଦିଆଯିବ। ଅନ୍ୟପଟେ ରେଲୱେ ବୋର୍ଡର ସଦସ୍ୟା ଜୟା ବର୍ମା ସିହ୍ନା କହିଛନ୍ତି ଯେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ପ୍ରତ୍ୟେକ ଆହତ ଯାତ୍ରୀ ପାଖରେ ଜଣେ ସ୍କାଉଟ୍ କିମ୍ବା ଗାଇଡ ଅଛନ୍ତି, ଯେଉଁମାନେ ତାଙ୍କ ସମ୍ପର୍କୀୟଙ୍କୁ ଖୋଜିବାରେ ସାହାଯ୍ୟ କରୁଛନ୍ତି।

ବିହାରରେ ଭୁଷୁଡ଼ିପଡ଼ିଲା ...

ବିହାର ବିଜେପି ନେତା ବିଜୟ କୁମାର ସିହ୍ନା ଏହି ପୋଲ ଭୁଶୁଡ଼ିବା ଘଟଣାକୁ ନେଇ ନୀତୀଶ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବିଜୟ କୁମାର ସିହ୍ନା କହିଛନ୍ତି, ପୋଲ ନୁହେଁ, ବିହାରବାସୀଙ୍କ ବିଶ୍ୱାସ ଭାଙ୍ଗିଯାଇଛି। ଦୁଇ ଥର ନିର୍ମାଣାଧୀନ ପୋଲ ଭୁଶୁଡ଼ିବା ପ୍ରମାଣ କରୁଛି ଯେ ଦୁର୍ନୀତି ହୋଇଛି ।

ଭଦ୍ରକ ଜିଲ୍ଲା ଚିକିତ୍ସାଳୟ ପରିସରରେ କଂଗ୍ରେସର ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳ

ଭଦ୍ରକ, ୪/୦୬ (ନି.ପ୍ର): ବାହାନଗା ରେଳ ଟ୍ରାଜେଡିକୁ ନେଇ ଉଭୟ କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ବିଜେପି ଓ ରାଜ୍ୟ ଶାସନରେ ଥିବା ବିଜେଡି ରାଜନିତୀ କରୁଛନ୍ତି। ରେଳ ବିଭଗରେ ଭିତ୍ତିଭୂମୀର ବିକାଶ ହୋଇ ନାହିଁ। ଉକ୍ତ ବିଭାଗରେ ଏକ ଲକ୍ଷ ୪୨ ହଜାର ପଦବୀ ଫାଙ୍କା ପଡ଼ିଛି। ରେଳ ଟ୍ରାକ୍, ସିଗନାଲ ପରିଚାଳନା, ବୈଷୟିକ କ୍ଷେତ୍ରରେ କୌଣସି ବିକାଶ ହୋଇ ନାହିଁ। କେବଳ ବିଜେପି ନୂତନ ଟ୍ରେନ ଉଦଘାଟନ କରି ବାହାବା ନେବାକୁ ଚେଷ୍ଟା ଚଳାଇଛି। ସେହିପରି ଚିକିତ୍ସା କ୍ଷେତ୍ରରେ ଭଦ୍ରକ ମେଡିକାଲରେ ଡାକ୍ତର ନାହାନ୍ତି। ଫଳରେ ଶହଶହ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳି ପାରୁ ନାହିଁ। ତେଣୁ ଭଦ୍ରକରେ ଏକ ମେଡିକାଲ କଲେଜ ସ୍ଥାପନ ସହିତ ଆବଶ୍ୟକ ପରିମାଣର ଡାକ୍ତର ନିଯୁକ୍ତି ଦିଆଯାଉ। ସର୍ବୋପରି ଏହି ଦୁର୍ଘଟଣା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। ବାହାନଗା ଟ୍ରେନ ଟ୍ରାଜେଡିରେ ଆହତ ହୋଇ ଭଦ୍ରକ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସାଧିନ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଲି ଦେଖିବାକୁ ଆସିଥିବା ପ୍ରଦେଶ କଂଗ୍ରେସର ବହୁ ବରିଷ୍ଠ ନେତୃମଣ୍ଡଳୀ ଉପରୋକ୍ତ ପ୍ରତିକ୍ରିୟା ରଖିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସିଏଲପି ନେତା ତଥା ସାଂସଦ ଅଧିର ରଂଜନ ଚୌଧୁରୀ, ରାଜ୍ୟ କଂଗ୍ରେସ ପ୍ରଭାରୀ ତଥା ସାଂସଦ ଡ. ଏ. ଚେଲ୍ଲାକୁମାର, ପ୍ରଚାର କମିଟି ଅଧ୍ୟକ୍ଷ ତଥା ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ବିଧାୟକ ତାରାପ୍ରସାଦ ବାହିନୀପତି, ପ୍ରାକ୍ତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ନବଜ୍ୟୋତି ପଟ୍ଟନାୟକ, ରାଜ୍ୟ ଛାତ୍ର ପ୍ରଭାବୀ ଅନୁଲେଖା ବସା, ରାଜ୍ୟ ଛାତ୍ର ସଭାପତି ୟାସିର ନଓ୍ୱାଜ, ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ଭଦ୍ରକ ନିର୍ବାଚନମଣ୍ଡଳୀ ନେତା ନଳିନୀ ମହାନ୍ତି, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ମାନସ ଚୌଧୁରୀ, ମନୋଜ ବିଶ୍ୱାଳ ପ୍ରମୁଖ ଚିକିତ୍ସାଧିନ ଥିବା ୩୭ ଆହତ ବ୍ୟକ୍ତିମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି ଅବସରରେ ଉଭୟ ବାଲେଶ୍ୱର ଓ ଭଦ୍ରକର ଯୁବବର୍ଗ ଯେପରି ଭାବରେ ଦୁର୍ଘଟଣା ପିଡ଼ିତଙ୍କୁ ରକ୍ତଦାନ କରିବା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସହଯୋଗ କରିଛନ୍ତି, ସେମାନଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଅବଦୁଲ ମୋକିତ ଖାଁ, ପିତବାସ ଧଳ, ରାଜୀବ ଗାନ୍ଧୀ ସେବା ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ଦାସ, ଧାମନଗର ବ୍ଲକ ସଭାପତି ଅଭିଷେକ ରାଉତ, ବନ୍ତ ବ୍ଲକ ସଭାପତି ରାଜକିଶୋର ସ୍ୱାଇଁ, ଜିଲ୍ଲା ଛାତ୍ର ସଭାପତି ସେକ ସାହିଲ କାଦ୍ରୀ, ଯୁବନେତା ବିଜୟ ଶଙ୍କର ମହାନ୍ତି, ହେମନ୍ତ ମହାପାତ୍ର, ତନଭୀର ଖାନ, ଇଲ୍ଲିୟାସ ଅଲ୍ଲୀ ଖାନ, ଏନାମୁଲ ହକ୍, ବିଜୟ ବାରିକ, ରଂଜିତ ପାତ୍ର ପ୍ରମୁଖ ଉକ୍ତ ଉଚ୍ଚସ୍ତରୀ

ସୋମବାର, ଜୁନ୍ ୦୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୃତ ରେଳଯାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର, ୪/୦୬ (ନି.ପ୍ର): ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ବୈଠକରେ ଟ୍ରେନ ଦୁର୍ଘଟଣାରେ ମୃତ ଶତାଧିକ ଯାତ୍ରୀ ଅମର ଆତ୍ମାର ସଦଗତି ଓ ସହସ୍ରାଧିକ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା ପୂର୍ବକି ନୀରବ ପ୍ରାର୍ଥନା କରାଯାଇଛି। ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଏହି ଦୁର୍ଘଟଣାର ଉପଯୁକ୍ତ ତଦନ୍ତ କରାଯିବା ସହ ସମସ୍ତ ମୃତକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ପରିବାରକୁ ଓ ଆହତମାନଙ୍କୁ ସହାୟତା ରାଶି ପ୍ରଦାନ ନେଇ କମିଟି ପକ୍ଷରୁ ସରକାରଙ୍କ ଠାରେ ନିବେଦନ କରାଯାଇଛି। ଏଥି ସହିତ ଦୁର୍ଘଟଣାରେ ମୃତାହତଙ୍କୁ ଉଦ୍ଧାରେ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛସେବୀ, କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ସଦସ୍ୟା, ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ, ଡାକ୍ତରୀ ଛାତ୍ରଛାତ୍ରୀ ଏବଂ ବହୁ ପ୍ରଶାସନିକ ଅଧିକାରୀମାନଙ୍କ ତତ୍ପରତା ଓ ସହଯୋଗ ପାଇଁ ଏହି ବୈଠକରେ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହା ବ୍ୟତୀତ ଆହତମାନଙ୍କ ପାଇଁ ରକ୍ତଦାନ କରିଥିବା ସମସ୍ତ ରକ୍ତଦାତାଙ୍କୁ କମିଟି ଧନ୍ୟବାଦ ଜଣାଯାଇଛି। ସାପ୍ତାହିକ ବୈଠକ ପାଇଁ ଅନ୍ୟ ସମସ୍ତ ବିଷୟ ଅନ୍ୟ ଏକ ତାରିଖରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

ସ୍ନାନ ମଣ୍ଡପରେ ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ମହାପ୍ରଭୁ

ନୀଳଗିରି, ୪/୦୬ (ନି.ପ୍ର): ବାଲେଶ୍ୱର ଜିଲା ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ରବିବାର ସ୍ନାନ ପୁର୍ଣିମା ଅବସରରେ ଚତୁର୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତି ନୀତି ଅନୁସାରେ ସକାଳେ ସେନାପଟା, ରାଜନୀତି ବନ୍ଦାପନା, ପୁଷ୍ପାଞ୍ଜଳି, ଡୋରଲାଗି ପରେ ଆରମ୍ଭ ହୋଇଥିଲା ଛେରାପହଁରା ନୀତି । ରାଜା ଜୟନ୍ତ ଚନ୍ଦ୍ର ହରିଚନ୍ଦନଙ୍କ ଦ୍ୱାରା ଏହି ନୀତି ସରିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା ଧାଡ଼ି ପହଣ୍ଡିରେ ଆସି ସ୍ନାନ ମଣ୍ଡପରେ ବିରାଜିତ ହୋଇଥିଲେ। ମଙ୍ଗଳ ଆଳତି, ଅବକାଶ ନୀତି ପରେ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ଜଳରେ ମହାସ୍ନାନ ସମାପିତ ହୋଇଥିଲା। ପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ରୋଷ ହୋମ, ସକାଳ ଧୂପସମାପ୍ତି ପରେ ତିନି ଠାକୁରଙ୍କୁ ଗଜାନନ ବେଶ କରା ଯାଇଥିଲା ।ଏହି ବେଶ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଙ୍କ ଭିଡ ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଆଳତୀ, ଦକ୍ଷିଣ ଆଳତୀ ନୀତି ସମାପନ ପରେ ତିନିଠାକୁର ଅଣସର ଗୃହକୁ ଯାଇଛନ୍ତି । ଯୁବରାଜ ଜନ୍ମେଜୟ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ, ବ୍ରହ୍ମା ପୁଣ୍ୟଶ୍ଳୋକ ନନ୍ଦ, ସରୋଜ କୁମାର ନନ୍ଦ, ରବିନ୍ଦ୍ର ମହାପାତ୍ର, ପ୍ରହରାଜ ହରିନାରାୟଣ ନନ୍ଦ, ଦେବେନ୍ଦ୍ର ନନ୍ଦ, ପୁଥୁନାଥ ଆଚାର୍ଯ୍ୟ, ବିରେଷ ଶତପଥି, ଦେବେନ୍ଦ୍ର ନାରାୟଣ ମିଶ୍ର, ହରିବନ୍ଧୁ କର, ଚାମର ସେବାୟତ, ଘଣ୍ଟୁଆ ଓ ଠାକୁର ମାହାଲର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଆଧୁନିକୀକରଣ ଆଳରେ ମୋଦି ସରକାର ରେଳ ଘରୋଇକରଣ ଉଦ୍ୟମ କରୁଛନ୍ତି: ଅଧୀର ଚୌଧୁରୀ

ବାଲେଶ୍ୱର, ୪/୦୬ (ନି.ପ୍ର): ଆଧୁନିକିକରଣ ଆଳରେ ରେଳବାଇର ଘରୋଇକରଣ ଯୋଗୁଁ ବାହାନାଗାରେ ଭୟଙ୍କର ଦୁର୍ଘଟଣା ଘଟିଛି ବୋଲି ଲୋକସଭାର ବିରୋଧୀ ଦଳ ନେତା ବାଲେଶ୍ୱର ଗସ୍ତ ଅବସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆରୋପ ଉଠାଇଛନ୍ତି। ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ସେ ବାହାନଗା ରେଳ ଦୁର୍ଘଟଣାରେ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ମୋଦି ସରକାର ଆଧୁନିକିକରଣ ଆଳରେ ରେଳବାଇକୁ ଘରୋଇକରଣ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଫଳରେ ଅଭିଜ୍ଞ କର୍ମଚାରୀଙ୍କ ପରିବର୍ତ୍ତେ ଅନଭିଜ୍ଞ କର୍ମଚାରୀମାନେ ସିଗନାଲିଂ, ରେଳ ଧାରଣା ମରାମତି, ଇଲେକ୍ଟ୍ରୋନିକ୍ସ ଇଣ୍ଟର ଲକିଙ୍ଗ ବ୍ୟବସ୍ଥାରେ ଅନଭିଜ୍ଞ ଟେକ୍ନିକାଲ କର୍ମଚାରୀଙ୍କ ନିଯୁକ୍ତି ଯୋଗୁଁ ଏଭଳି ଦୁର୍ଘଟଣା ଘଟିଛି। ଦୁର୍ଘଟଣାର ତିନିଘଣ୍ଟା ମଧ୍ୟରେ ଯଦି ସ୍ଥାନୀୟ ପ୍ରଶାସନ ଆହତ ରେଳ ଯାତ୍ରୀଙ୍କୁ ଉଦ୍ଧାର ସହ ଚିକିତ୍ସା ବ୍ୟବସ୍ଥା ଯୋଗାଇ ଥା'ନ୍ତେ ତେବେ ମୃତ୍ୟୁ ସଂଖ୍ୟା ଏତେ ବୃଦ୍ଧି ପାଇ ନଥା'ନ୍ତା। ତେବେ ପ୍ରଶାସନକୁ ଅପେକ୍ଷା ନ କରି ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କାର୍ଯ୍ୟ ଜାରି ରଖିବା ବେଶ ପ୍ରଶାଂସନୀୟ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ବନ୍ଦେ ଭାରତ, ମେଟ୍ରୋ ଟ୍ରେନ, ବୁଲେଟ ଟ୍ରେନ ଭଳି ବଡ଼ ବଡ଼ ଯୋଜନା ଶୁଭରମ୍ଭ ପାଇଁ ସବୁଜ ପତାକା ଧରି ଛିଡ଼ା ହୋଇପଡୁଥିବା ବେଳେ ରେଳ ଧାରଣାର ମରାମତି ରକ୍ଷଣବେକ୍ଷଣକୁ ଅଣଦେଖା କରିଚାଲିଛନ୍ତି। ପୂର୍ବରୁ ରେଳବାଇ ମନ୍ତ୍ରଣାଳୟ ର ସ୍ୱତନ୍ତ୍ର ବଜେଟ ବ୍ୟବ୍ୟସ୍ଥା ଥିଲା, ମାତ୍ର ମୋଦି ସରକାର ସାଧାରଣ ବଜେଟ ସହ ରେଳ ବଜେଟକୁ ମିଶାଇ ଦେଲେ। ସେହିଭଳି ଡି ଆର ଏଫ ନାମକ ଏକ ପାଣ୍ଠି ରହିଛି, ମାତ୍ର ବିଗତ ଆଠ ବର୍ଷ ହେଲା ଏନ ଡି ଏ ସରକାର ଏହି ପାଣ୍ଠିରେ ଅର୍ଥରାଶି କ୍ରମାଗତ ଭାବେ ହ୍ରାସ କରିଚାଲିଛନ୍ତି। ଟ୍ରେନ ସଂଖ୍ୟା ବୃଦ୍ଧି ସାଙ୍ଗକୁ ରେଳ ଲାଇନର ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଡିଆରଏଫ ପାଣ୍ଠିରେ ବଜେଟ ବୃଦ୍ଧି ହେବା ଜରୁରୀ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି। ୟୁପିଏ ସରକାରଙ୍କ ସମୟରେ ଆଣ୍ଟି କୋଲାଇଜନ ଡ଼ିଭାଇସ ପ୍ରତି ଟ୍ରେନରେ ଖଞ୍ଜିବା ଲାଗି ବ୍ୟବସ୍ଥା କରାଇଥିଲେ। ମାତ୍ର ବର୍ତ୍ତମାନର ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ ନକରିବା ଏବଂ ଏହାକୁ କବଚ ଯୋଜନା ବୋଲି ଘୋଷଣା କରିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଛନ୍ତି। ଯାତ୍ରୀଙ୍କ ସୁରକ୍ଷା, ରେଳବାଇ ସମ୍ପତ୍ତିର ରକ୍ଷା ଦାୟିତ୍ୱ ସରକାରଙ୍କ ହାତରେ ରହିଛି। ତେବେ ଏହି ଭୟଙ୍କର ଦୁର୍ଘଟଣା ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଇସ୍ତଫା ଦାବି କରିବେ ନାହିଁ, ତାଙ୍କର ଯଦି ବିବେକ ଓ ମାନବିକତା ଥାନ୍ତା ତାହାଲେ ସେ ଇସ୍ତଫା ଦେଇ ସାରନ୍ତେଣି। ଜିଲ୍ଲା କଂଗ୍ରେସ ର ସଭାପତି ସଂଜୀବ ଗିରିଙ୍କ ଆବାହକତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସାଂସଦ ତଥା ଓଡିଶା ପ୍ରଭାରୀ ଡ଼. ଏ. ଚେଲ୍ଲା କୁମାର ପିସିସି ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ବିଧାୟକ ତାରା ପ୍ରସାଦ ବାହିନୀପତି, ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ଅଖିଳ ଭାରତୀୟ ଛାତ୍ର କଂଗ୍ରେସ ନେତ୍ରୀ ତଥା ଓଡିଶା ଇନଚାର୍ଜ ଅନୁଲେଖା ବସା ଓ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିନ ନଓ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

ନିଖୋଜ ରୁହ୍ୟା ଟୁଡୁର ଶବ ଚିହ୍ନଟ

ଜଳେଶ୍ୱର , ୪/୦୬ (ନି.ପ୍ର): ଗତ ୨ ତାରିଖରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର ଖୁଆଡରୁ ବିଶାଖାପାଟଣା ଦାଦନଭାବେ କାର୍ଯ୍ୟ କରିବାକୁ ଯାଉଥିବା ରୁହ୍ୟା ଟୁଡୁ(୫୦) ସେହିଦିନ କରମଣ୍ଡ ଏକ୍ସପ୍ରେସ ଦୁର୍ଘଟଣାରେ ନିଖୋଜ ଥିବା କୁହାଯାଇଥିଲା। କିନ୍ତୁ ୩ ତାରିଖ ରାତିରେ ତାର ପରିବାର ଲୋକେ ବାଲେଶ୍ୱର ହସ୍‌ପିଟାଲ ପରିସରରୁ ଚିହ୍ନଟ କରିଛନ୍ତି। ରୁହ୍ୟା ଟୁଡୁ ଜଣେ ଖଟିଖିଆ ଆଦିବାସୀ ହୋଇଥିବା ବେଳେ ତା ମୃତ୍ୟୁପରେ ତା ପରିବାରର ଅନ୍ୟକେହି ଉପାର୍ଜନ କ୍ଷମ ବ୍ୟକ୍ତି ନ ଥିବା କୁହାଯାଇଛି। ଗତ ରାତିରେ ତାର ଶବ ସତ୍କାର ହୋଇଛି।

ମାନସିକ ବିକୃତ ବୃଦ୍ଧାଙ୍କୁ ବଳାତ୍କାର ଅଭିଯୋଗ

ମୁଖୀଗୁଡ଼ା, ୪/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅଂଚଳର ଏକ ୭୦ ବର୍ଷୀୟା ମାନସିକ ବିକୃତ ବୃଦ୍ଧାଙ୍କୁ ଏକ ଟ୍ରାକ୍ଟର ଡ୍ରାଇଭର ବଳାତ୍କାର କରିଥିବା ଅଭିଯୋଗ ଜୟପାଟଣା ଥାନା ରେ ହୋଇଛି। ସୂଚନା ଅନୁଯାୟୀ ଜାମଚୁଆ ଗାଁ ନିକଟସ୍ଥ କେନାଲ ସାଇପନରେ ଏକ ମାନସିକ ବିକୃତ ବୃଦ୍ଧା ଗାଧୋଇ ଫେରୁଥିବା ସମୟରେ ଏକ ଟ୍ରାକ୍ଟର ଡ୍ରାଇଭର ନିଛାଟିଆ ର ସୁଯୋଗ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି।ଟ୍ରାକ୍ଟର ଡ୍ରାଇଭରଟି ମଙ୍ଗଳପୁର ଗ୍ରାମର ଭୁଜ ପହରିଆ ବୋଲି ଜଣାପଡ଼ିଛି।

ଦି ମୟୂରଭଂଜ କାଇ ସୋସାଇଟି ଓ ଯୁବ ବାଥୁଡ଼ି ସମାଜ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ

ଉଦଳା, ୪/୦୬ (ନି.ପ୍ର): ସ୍ଥାନୀୟ ସନ୍ଧାନ ଗୃହଠାରେ ଦି ମୟୂରଭ କାଇ ସୋସାଇଟି ଓ ଯୁବ ବାଥୁଡ଼ି ସମାଜ,ଉଦଳା ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରକୁ ଦି ମୟୂରଭ କାଇ ସୋସାଇଟିର ପୃଷ୍ଠପୋଷକ ତଥା ସରକାରୀ ଯନ୍ତ୍ରୀ ଇଂ.ଶ୍ରୀଯୁକ୍ତ ନୟାଧର ପଡ଼ିଆଳ ଫିତାକାଟି ଶୁଭ ଉଦ୍‌ଘାଟନ କରିଥିବାବେଳେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର କମଳାକାନ୍ତ ନାୟକ, କାଳ ଜଳସେଚନ ନିର୍ବାହୀ ଯନ୍ତ୍ରୀ ଶ୍ରୀଯୁକ୍ତ ଗଜେନ୍ଦ୍ର ନାଏକ, ସମାଜସେବୀ ତଥା ଯୁବ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ପରମାନନ୍ଦ ଖଣ୍ଡେଇ, ଏନ୍.ଏ.ସି. ଅଧ୍ୟକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା, ଯୁବ ବାଥୁଡ଼ି ସମାଜର ସଭାପତି ଶ୍ରୀଯୁକ୍ତ ବିରେନ୍ଦ୍ରନାଥ ମଢ଼େଇ ପ୍ରମୁଖ ଉପସ୍ଥିତ ଥିଲେ । ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ପୂର୍ବରୁ ଅତିଥିବୃନ୍ଦ ଇଷ୍ଟଦେବ ବଡ଼ାମ ଠାକୁରଙ୍କ ଠାରେ ଧୂପ, ଦୀପ, ଫୁଲ ଦେଇ ବନ୍ଦନା କରିଥିଲେ । ରକ୍ତ ଦାନ ମହାପୂଣ୍ୟ । ବୁନ୍ଦାଏ ରକ୍ତ ଜଣକର ଜୀବନ ରକ୍ଷା କରିଥାଏ । ଏହି ମହତ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଉଦେଶ୍ୟରେ ଏହି ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଆୟୋଜନର ମୁଖ୍ୟ ଆଭିମୁଖ୍ୟ ବୋଲି ଅତିଥିବୃନ୍ଦ ମତ ପ୍ରକାଶ କରିଥିଲେ। ଆଜିର ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଗତ ଦିନରେ ଘଟି ଯାଇଥିବା ଏକ ଭୟାବହ ମର୍ମନ୍ତୁଦ ବାହାନଗା ରେଳ ଦୁର୍ଘଟଣାରେ ସହାୟକ ହୋଇ ପାରିବ ବୋଲି ବୁଦ୍ଧିଜୀବି ମହଲରେ ବେଶ ଗୁରୁତ୍ୱ ବହନ ବୋଲି ମତ ଏହି ଶିବିରରେ ନିଜ ସଂପ୍ରଦାୟ ସହିତ ବିଭିନ୍ନ ବର୍ଗର ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ତରଫରୁ ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ କରାଯାଇ ପାରିଛି । ରକ୍ତ ସଂଗ୍ରହ କାର୍ଯ୍ୟଭାରକୁ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟର ବୈଷୟିକ ତାଲିମପ୍ରାପ୍ତ ସଦସ୍ୟ ମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଖଗେଶ୍ୱର ସିଂ, ସୁଶାନ୍ତ ପଟ୍ଟନାୟକ, ଏଲ.ଟି. କମଳ କୁମାର ନାଏକ, ଅବିନାଶ, ସମୀକ୍ଷା ସାହୁ, ମାନସ ରଂଜନ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ । ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ପ୍ରଭୁ ବଡ଼ାମଙ୍କ ଠାରେ ପ୍ରାର୍ଥନା ରଖି ରକ୍ତଦାନ ଶିବିର ଆଲୋଚନା ଏକ ମହତ କାର୍ଯ୍ୟକୁ ହାତକୁ ନେଇ ଯେଉଁ ମାନଙ୍କ ସହଯୋଗରେ ସଫଳ ହୋଇ ପାରିଛି ସେମାନଙ୍କ ମଧ୍ୟରେ କାଇ ଚଟଣୀ ଗବେଷକ ତଥା ସରକାରୀ ଯନ୍ତ୍ରୀ ଶ୍ରୀଯୁକ୍ତ ନୟାଧର ପଡ଼ିଆଳ, ଯୁବ ବାଥୁଡ଼ି ସମାଜର ସଭାପତି ବିରେନ୍ଦ୍ର ନାଥ ମଢ଼େଇ, ଦକ୍ଷ ଉପସଭାପତି ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଖଣ୍ଡେଇ, ଯୁବ ସଂଗଠକ ତଥା ସଂପାଦକ ଶ୍ରୀମାନ ଚନ୍ଦନ କୁମାର ସେନାପତି, ଉପଦେଷ୍ଟା ଗୋବର୍ଦ୍ଧନ ବିଶ୍ୱାଳ, ସୋସିଆଲ ମିଡ଼ିଆ ସଭାପତି ଅଶୋକ ନାଏକ ଯୁବ ଛାତ୍ର ସଂଗଠକ ମିଶର ବିଶ୍ୱାଳ, କୋଷାଧ୍ୟକ୍ଷ ଗଜେନ୍ଦ୍ର ମଢ଼େଇ, ହିତେଶ ଖଣ୍ଡେଇ, ଉମାକାନ୍ତ ନାଏକ, ଗିରିଶ ଚନ୍ଦ୍ର ନାଏକ, ସହ ସଂପାଦକ ଗୌତମ ପାତ୍ର, ରାଇଦାଣ୍ଡିଆ ଓ ପଣସଗଡ଼ି ଯୁବ ବାଥୁଡ଼ି ଛାତ୍ର ଓ ମହିଳା ସ୍ୱେଚ୍ଛାସେବୀ ଓ ଯୁବ ବାଥୁଡ଼ି ସଂଗଠନର ଯୁବ ଛାତ୍ରୀ ଛାତ୍ରୀ ମାନଙ୍କ ମଧ୍ୟରେ ଯୁବ ବାଥୁଡ଼ି ମହିଳା ସମାଜ ରାଇଦାଣ୍ଡିଆ ଓ ପଣସଗଡ଼ିର ଛାତ୍ର ଛାତ୍ରୀ ସହଯୋଗ କରିଥିଲେ। ଏହି ରକ୍ତଦାନ ଶିବିରରେ ଉପଦେଷ୍ଟା ତଥା କାଳ ଜଳସେଚନ ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ରୀଯୁକ୍ତ ଗଜେନ୍ଦ୍ର ନାଏକ, ତହସିଲଦାର ତଥା ସମାଜସେବୀ ଶ୍ରୀଯୁକ୍ତ ପରମାନନ୍ଦ ଖଣ୍ଡେଇ, ଲାଲମୋହନ ମାର୍ଣ୍ଡି, ରବିନ୍ଦ୍ର ସୋରେନ, ରବିନ୍ଦ୍ର ହେମ୍ବ୍ରମଙ୍କୁ ମଂଚରେ ସମ୍ମାନିତ କରାଯାଇଥିଲା ।

ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଓ ଶୋକସଭା ଅନୁଷ୍ଠିତ

ବସ୍ତା , ୪/୦୬ (ନି.ପ୍ର): ଗତ ଦୁଇ ତାରିଖ ରେ ବାଲେଶ୍ୱର ବାହାନଗା ଠାରେ ଘଟିଯାଇଥିବା ହୃଦୟ ବିଦାରକ ରେଳ ଦୁର୍ଘଟଣା ରେ ଶହ ଶହ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ହଜାରେ ରୁ ଅଧିକ ଲୋକ ଆହତ ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। କିଏ ପୁଅ ତା ବାପା ମା କୁ ହରାଇଛି ତ କିଏ ତା ପୁଅ ଝିଅ କୁ ଆଉ କିଏ କିଏ ନିଜ ସ୍ୱାମୀ, ଭାଇ , ଶାଶୁ ,ଶଶୁର ସହ ପରିବାରର କାହାକୁ ନା କାହାକୁ ଜଣକୁ ହରାଇବାକୁ ପଡିଛି । ଏ ଭଳି ଏକ ଲୋମଟାକୁଣା ଘଟଣାରେ ସାରା ଦେଶରେ ଶୋକ ର ସାୟା ଖେଳିଯାଇଛି । ସେହି ଦୁର୍ଘଟଣା ରେ ମୃତ୍ୟୁ କରିଥିବା ବ୍ୟକ୍ତି ମାନଙ୍କ ର ଅମର ଆତ୍ମା ର ସଦ୍ଗତି ନିମନ୍ତେ ରୂପସା ବୀଣାପାଣି ଶିଶୁ ମନ୍ଦିର ପରିସର ରେ ଏକ ଶୋକ ସଭା ଆୟଜିତ ହୋଇଯାଇଛି । ଏହି ସଭା ରେ ପଣ୍ଡିତ ନିରଂଜନ ପଣ୍ଡା ଶର୍ମା ସଭାପତିତ୍ୱ କରିଥିଲେ । ଭଗବାନ ମହାପାତ୍ର , ବରଦା ପ୍ରସନ୍ନ ପଟ୍ଟନାୟକ ଙ୍କ ସହ ଏହି ସଭାରେ ରୂପସା ଅଞ୍ଚଳ ର କିଛି ବରିଷ୍ଠ ଶିକ୍ଷାବିତ, ବୁଦ୍ଧିଜୀବୀ , ସମାଜସେବୀ, ସୁ ସଂଗଠକ , ବରିଷ୍ଠ ରାଜନୀତିଜ୍ଞ , ସାମ୍ବାଦିକ ଓ ବୀଣାପାଣି ଶିଶୁ ମନ୍ଦିର ର ଗୁରୁଜୀ ଗୁରୁମା ମାନେ ହାତରେ କ୍ୟାଣ୍ଡଲ ଧରି ମୃତକ ଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ଆହତ ମାନଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଦେବ ସ୍ନାନ ପୂର୍ଣ୍ଣିମା

ଲଙ୍ଗଳେଶ୍ୱର , ୪/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଖଗଡାପାଳ ସ୍ଥିତ ଶ୍ରଦ୍ଧାକ୍ଷେତ୍ର ରେ ଆଜି ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି।ଏଥିପାଇଁ ପ୍ରାତଃ ରୁ ଶ୍ରୀ ବଳଭଦ୍ର , ଶ୍ରୀ ଜଗନ୍ନାଥ , ଦେବୀ ସୁଭଦ୍ରା, ଚକ୍ର ରାଜ ସୁଦର୍ଶନ ପ୍ରମୁଖ ଶ୍ରୀଜୀଉମାନଙ୍କର ସମସ୍ତ ରୀତିନୀତି ପରମ୍ପରା ଅନୁସାରେ ଆରମ୍ଭ କରାଯାଇଥିଲା। ପୂର୍ବାହ୍ନ ୧୦ ଟା ବେଳକୁ ଶ୍ରୀଜୀଉ ମାନଙ୍କୁ ସ୍ନାନ ମଣ୍ଡପ କୁ ଅଣାଯାଇ ପବିତ୍ର ଜଳରେ ସ୍ନାନ କରାଯାଇଥିଲା। ମନ୍ଦିର ର ପ୍ରତିଷ୍ଠାତା ତଥା ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ଟ୍ରଷ୍ଟ ବୋର୍ଡ଼ ସମ୍ପାଦକ ବ୍ରଜମୋହନ ଭୂୟାଁ , ପୂଜାପଣ୍ଡା ବିଷ୍ଣୁ ପଦ ପାଠୀ , ବଳଭଦ୍ର ପଣ୍ଡା ପ୍ରମୁଖ ଏହାକୁ ସମ୍ପାଦନା କରି ଥିବା ବେଳେ ଟ୍ରଷ୍ଟ ବୋର୍ଡ଼ ର ସତ୍ୟକାମ ମହାନ୍ତି, ମୁରଲୀ ମୋହନ ସାହୁ ,ମଧୁସୂଦନ ସାହୁ,ପ୍ରଫୁଲ୍ଲ କୁମାର ସାହୁ, ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।ସ୍ନାନ ପୂର୍ଣ୍ଣିମା ପାଇଁ ଶ୍ରୀଜୀଉମାନଙ୍କୁ ଦର୍ଶନ କରିବା ପାଇଁ ପ୍ରାତଃ ରୁ ଭକ୍ତ ମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

ଏଫଏମ ଆଲୁମିନି ପକ୍ଷରୁ ଶୋକସଭା

ବାଲେଶ୍ୱର, ୪/୦୬ (ନି.ପ୍ର): ଫକୀରମୋହନ ମହା ବିଦ୍ୟାଳୟର ପୁରାତନ ଛାତ୍ରସଂସଦର କାର୍ଯ୍ୟାଳୟରେ ସଂସଦର ସଭାପତି ଡାକ୍ତର ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାହାନଗାରେ ଘଟିଯାଇଥିବା ରେଳ ଦୁର୍ଘଟଣାରେ ମୃତାହତ ବ୍ୟକ୍ତି ଏବଂ ଦିଲୀରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ବରଣ କରିଥିବା ସଂସଦର ସଦସ୍ୟ ସ୍ୱର୍ଗତ ବିଶ୍ୱନାଥ ସାହୁଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା। ପ୍ରଥମେ ସମସ୍ତ ସଦସ୍ୟ ୨ମିନିଟ ନିରବ ପ୍